# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ୨୧୨୮୪ ତା ୦୩/୧୨/୨୫ ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା ୨୬.୧୧.୨୦୨୫ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା ୨୬.୧୧.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ- ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୨୧୨୮୪/ତା ୦୩/୧୨/୨୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡ଼େପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୨୧୨୮୨/ତା ୦୩/୧୨/୨୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୨୧୨୮୩/ତା ୦୩/୧୨/୨୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ପାର୍କ/ସାମାଜିକ ସୁରକ୍ଷା)/ ଡ଼ି.ସି (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଲିଗାଲ୍)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି. (ପ୍ରତିଷ୍ଠାନ)/ ଜୋନାଲ୍ କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୨୬.୧୧.୨୦୨୫ ରିଖ ✱ ସମୟ: ପୂର୍ବାହ୍ଣ ଘ.୧୦.୩୦ ମିନିଟ୍ ✱ସ୍ଥାନ: BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | |
|---|---|
| ୧. ସୁଲୋଚନା ଦାସ | ମେୟର |
| ୨. ମଞ୍ଜୁଲତା କହଁର | ଡେ଼ପୁଟି ମେୟର |
| ୩. ମିହିର କୁମାର ରାଉତ | ୱାର୍ଡ଼ ନଂ-୦୧ |
| ୪. ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୫. ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ଼ ନଂ-୦୩ |
| ୬. ସୁକୁମାର ସାହୁ | ୱାର୍ଡ଼ ନଂ-୦୪ |
| ୭. ମିନୁଶ୍ରୀ ଖୁଂଟିଆ | ୱାର୍ଡ ନଂ-୦୫ |
| ୮. ପ୍ରୀତିନନ୍ଦା ରାଉତରାୟ | ୱାର୍ଡ଼ ନଂ-୦୬ |
| ୯. ଯଶୋଧାରା ପ୍ରଧାନ | ୱାର୍ଡ଼ ନଂ-୦୭ |
| ୧୦. ଲାଲ୍ ମୋହନ ଟୁଡୁ | ୱାର୍ଡ଼ ନଂ-୦୮ |
| ୧୧. ସୁଷମା ସାହୁ | ୱାର୍ଡ ନଂ-୦୯ |
| ୧୨. ପ୍ରଭାସିନି ମହାନ୍ତି | ୱାର୍ଡ଼ ନଂ-୧୧ |
| ୧୩. ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୪. ଇତିଶ୍ରୀ ଦାସ | ୱାର୍ଡ଼ ନଂ-୧୩ |
| ୧୫. ମୋନାଲିସା ସାହୁ | ୱାର୍ଡ ନଂ-୧୪ |
| ୧୬. ପିଙ୍କି ସ୍ୱାଇଁ | ୱାର୍ଡ଼ ନଂ-୧୫ |
| ୧୭. ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ଼ ନଂ-୧୬ |
| ୧୮. ପୂଜା ମହାରଣା | ୱାର୍ଡ଼ ନଂ-୧୭ |
| ୧୯. ବିପ୍ଳବ ବେହେରା | ୱାର୍ଡ଼ ନଂ-୧୮ |
| ୨୦. ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୧. ପ୍ରେମାନନ୍ଦ ଜେନା | ୱାର୍ଡ଼ ନଂ-୨୦ |
| ୨୨. ପୂଜା ବେହେରା | ୱାର୍ଡ଼ ନଂ-୨୧ |
| ୨୩. କିରଣବାଳା ମାଝୀ | ୱାର୍ଡ଼ ନଂ-୨୩ |
| ୨୪. ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୫. ଭାରତୀ ସିଂ | ୱାର୍ଡ଼ ନଂ-୨୬ |
| ୨୬. ଶୁଭ୍ରାଂଶୁ ଶେଖର ପଟ୍ଟନାୟକ | ୱାର୍ଡ଼ ନଂ-୨୭ |
| ୨୭. ରାଜକିଶୋର ଦାସ | ୱାର୍ଡ଼ ନଂ-୩୦ |
| ୨୮. କୁମାରେନ୍ଦ୍ର ମହାପାତ୍ର | ୱାର୍ଡ଼ ନଂ-୩୧ |
| ୨୯. ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୩୦. ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୧. ଅଲିଅଲି ମଲିକ୍ | ୱାର୍ଡ଼ ନଂ-୩୬ |
| ୩୨. ବନ୍ଦିତା ପାଲ୍ | ୱାର୍ଡ଼ ନଂ-୩୭ |
| ୩୩. ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ଼ ନଂ-୩୮ |
| ୩୪. ଗିତାଞ୍ଜଳୀ ସାହୁ | ୱାର୍ଡ଼ ନଂ-୩୯ |
| ୩୫. ଅସିୟା ବେଗମ୍ | ୱାର୍ଡ଼ ନଂ-୪୦ |
| ୩୬. କବିତା ସ୍ୱାଇଁ | ୱାର୍ଡ଼ ନଂ-୪୧ |
| ୩୭. ଆଶିଷ କୁମାର ପଟ୍ଟନାୟକ | ୱାର୍ଡ଼ ନଂ-୪୨ |
| ୩୮. ଭରତ କୁମାର ଲେଙ୍କା | ୱାର୍ଡ଼ ନଂ-୪୩ |
| ୩୯. ଅଜିତ୍ ବେହେରା | ୱାର୍ଡ଼ ନଂ-୪୪ |
| ୪୦. ଅମରେଶ ଜେନା | ୱାର୍ଡ଼ ନଂ-୪୫ |
| ୪୧. ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୨. ସମିତା ମହାନ୍ତି | ୱାର୍ଡ଼ ନଂ-୪୭ |
| ୪୩. ସୁଚିତ୍ରା ପାତ୍ର | ୱାର୍ଡ଼ ନଂ-୪୮ |
| ୪୪. ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୫. ରାମଚନ୍ଦ୍ର ରଣସିଂହ | ୱାର୍ଡ଼ ନଂ-୫୦ |
| ୪୬. ବିନୟିନୀ ଜେନା | ୱାର୍ଡ଼ ନଂ-୫୧ |
| ୪୭. ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୮. ମହାମାୟା ସ୍ୱାଇଁ | ୱାର୍ଡ଼ ନଂ-୫୩ |
| ୪୯. ନୃପେଶ କୁମାର ନାୟକ | ୱାର୍ଡ଼ ନଂ-୫୫ |
| ୫୦. କେ. ଶାନ୍ତି | ୱାର୍ଡ଼ ନଂ-୫୬ |
| ୫୧. ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୨. ନମିତା ମହାପାତ୍ର | ୱାର୍ଡ଼ ନଂ-୫୮ |
| ୫୩. ବିରଂଚି ନାରାୟଣ ମହାସୁପକାର | ୱାର୍ଡ଼ ନଂ-୫୯ |
| ୫୪. ଚନ୍ଦ୍ରଶେଖର ମଲିଆ | ୱାର୍ଡ଼ ନଂ-୬୦ |
| ୫୫. ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୫୬. ସ୍ୱର୍ଣ୍ଣଲତା ସାମନ୍ତରାୟ | ୱାର୍ଡ଼ ନଂ-୬୨ |
| ୫୭. ସୁଜାତା ଛୋଟରାୟ | ୱାର୍ଡ଼ ନଂ-୬୩ |
| ୫୮. ସଜିବା ମୁଣ୍ଡାରଡ | ୱାର୍ଡ଼ ନଂ-୬୪ |
| ୫୯. ଛବି ଦାଶ | ୱାର୍ଡ଼ ନଂ-୬୬ |
| ୬୦. ମଧୁସ୍ମିତା ପ୍ରଧାନ | ୱାର୍ଡ଼ ନଂ-୬୭ |
| ୬୧. ଅମନ ଅଭିଷେକ ଜେନା<br>ମାନ୍ୟବର ବିଧାୟକ "ଜଟଣୀ" ଙ୍କ ପ୍ରତିନିଧି | |

ଅଦ୍ୟ ତା ୨୬.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର" BMC-ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, ମାନ୍ୟବର ବିଧାୟକ "ଜଟଣୀ" ଙ୍କ ପ୍ରତିନିଧି, କମିଶନର, ସମସ୍ତ କର୍ପୋରେଟର, ଅତିରିକ୍ତ କମିଶନର, ନଗର ଯନ୍ତ୍ରୀ, ନିଗମର ଅନ୍ୟାନ୍ୟ ଅଧିକାରୀ, ଅନ୍ୟାନ୍ୟ ବିଭାଗରୁ ଆସିଥିବା ଅଧିକାରୀ ଓ ଗଣମାଧମ ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ପରେ ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ **'ବନ୍ଦେ ଉତ୍କଳ ଜନନୀ'** ବନ୍ଦନା ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ମାନନୀୟା ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, ମାନ୍ୟବର ବିଧାୟକ "ଜଟଣୀ" ଙ୍କ ପ୍ରତିନିଧି, ସମସ୍ତ କର୍ପୋରେଟର ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ମୁଖ୍ୟତଃ ବର୍ତ୍ତମାନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାର ସମୟ ଆସିଛି, ଯାହା କାର୍ଯ୍ୟ ଅଛି ଡ଼ିସେମ୍ବର ମାସ ପ୍ରଥମ ସପ୍ତାହରେ ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିବା । ଶୀତ ଦିନ ଆସିଲାଣି ପଥ ଉତ୍ସବ ଆରମ୍ଭ କରିବା, ଗତ ମାସ ଠାରୁ ଭଲ ସାନିଟେସନ୍ ୱାର୍କର୍‌ଙ୍କୁ ପୁରସ୍କୃତ କରାଯାଉଅଛି, ଆମେ ଏହାକୁ ପ୍ରତି ମାସରେ ଦେବାପାଇଁ ଜାରି ରଖିବା, ଅନ୍ୟାନ୍ୟ ସେବାରେ ଯେଉଁମାନେ ଭଲ କାମ କରୁଛନ୍ତି ତାହାଙ୍କୁ ପୁରସ୍କୃତ କରିବା କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପ୍ରାରମ୍ଭରେ ସଭାପତି ସମସ୍ତଙ୍କୁ ୩୬ତମ ସାଧାରଣ ବୈଠକକୁ ସ୍ୱାଗତ ଜଣାଇ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷ ଚାରି ମାସ ରହିଲା, ଏହି ବର୍ଷର କୌଣସି କାର୍ଯ୍ୟ ହେଲାନାହିଁ । ଏହି ବର୍ଷ ଆମ୍ଭମାନଙ୍କର ଗୁରୁତ୍ୱପୂର୍ଣ୍ଣ, ଜୁନ୍ ମାସ ପୂର୍ବରୁ କାର୍ଯ୍ୟ କରିବାକୁ ପଡ଼ିବ । ଆପଣମାନେ ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷର କାର୍ଯ୍ୟ ତାଲିକା ଦିଅନ୍ତୁ । ଯେଉଁ ୱାର୍ଡ଼ରେ ୱାର୍ଡ଼ ଅଫିସ୍ ହୋଇପାରିନାହିଁ ଜାଗା ନିମନ୍ତେ ମାନ୍ୟବର ମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ସହିତ ଆଲୋଚନା କରିଅଛି । ଏହାକୁ ସରକାରଙ୍କ ନିକଟରେ ତ୍ୱରାନ୍ୱିତ କରିବା ପାଇଁ କମିଶନର ଦାୟିତ୍ୱ ନିଅନ୍ତୁ । ସାଲିଆସାହିରେ ଚାରି ଗୋଟି ୱାର୍ଡ଼ ଅଛି, ସେଠାରେ ଗୋଟିଏ ବଡ଼ କମ୍ୟୁନିଟି ସେଂଟର କରାଗଲେ ୱାର୍ଡ଼ ଅଫିସ୍ କାର୍ଯ୍ୟ ଚାଲିପାରିବ । ନିଗମାଂଚଳର ନାଳ, ରାସ୍ତା, ପୋଖରୀ, ମାର୍କେଟ୍ କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ, ଆମକୁ ରାଜସ୍ୱ ବଢ଼ାଇବା ପାଇଁ ମାର୍କେଟ୍, କଲ୍ୟାଣମଣ୍ଡପ ଇତ୍ୟାଦି କରିବାକୁ ପଡ଼ିବ । ଏହିସବୁ କାର୍ଯ୍ୟ ପାଇଁ ଆମକୁ ଗଠନ ମନୋବୃତି ନେଇ କାମ କରିବାକୁ ପଡ଼ିବ । ନିଗମାଂଚଳରେ ସଫେଇ ଓ ପରିମଳ କାର୍ଯ୍ୟ ଆହୁରି ଉନ୍ନତି କରିବାକୁ ପଡ଼ିବ । ଲାଇନ୍ ଡ଼ିପାର୍ଟମେଂଟ ଯଥା:-TPCODL,WATCO ଆମ ଭଲ ରାସ୍ତାକୁ ଖୋଳିଦେଉଛନ୍ତି । ଫଳରେ ଜନସାଧାରଣ ଯାତାୟତରେ ଅସୁବିଧା ହେଉଅଛି ସେଗୁଡ଼ିକୁ ଆପଣମାନେ ମରାମତି କରନ୍ତୁ, ଯେଉଁ ଅଧା କାର୍ଯ୍ୟ ଅଛି ତାହା ସମ୍ପୂର୍ଣ୍ଣ କରନ୍ତୁ, ଆମେ ସମସ୍ତେ ମିଶି କାର୍ଯ୍ୟ କଲେ ସଫଳ ହେବା କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, କେତେକ ୱାର୍ଡ଼ରେ ୱାର୍ଡ଼ ଅଫିସ୍ ହୋଇପାରୁନାହିଁ, କିନ୍ତୁ ୧୯୯୭-୯୮ ମସିହାରେ ବହୁତ ଗୁଡ଼ିଏ ୱାର୍ଡ଼ ଅଫିସ୍ (କମ୍ୟୁନିଟି ସେଂଟର) ନିର୍ମାଣ ହୋଇଥିଲା ସେଗୁଡ଼ିକ ଆମ ପାଖରେ ନାହିଁ, ଜବରଦଖଲରେ ଅଛି । ଏହା ଉପରେ ଆଲୋଚନା କରାଗଲା । ଭୁବନେଶ୍ୱର ମହାନଗର ନିଗମର ଯାହା ସମ୍ପତି ଅଛି ତାହା ନିଗମ ଅଧିନକୁ ଅଣାଯିବ ଏହା ସହିତ ରାସ୍ତା, ନାଳ, ପାର୍କ ଇତ୍ୟାଦି ମଧ ଏକ ବୁକ୍‌ଲେଟ୍ ହୋଇ ରହିବା ପାଇଁ ଉପ ଆୟୁକ୍ତ, କର୍ପୋରେସନ ଆସେଟ୍‌ସ ଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା । ସଭାପତି କହିଥିଲେ ଯେ, ଆମର ମୁଖ୍ୟ ବିତ ଅଧିକାରୀ କହୁଛନ୍ତି ଆମ ପାଖରେ ପଇସା ନାହିଁ । ଚଳିତ କର୍ପୋରେସନ ଆସିବା ପରେ ରାଜ୍ୟ ସରକାରଙ୍କ ଠାରୁ କେତେ ଅର୍ଥ ଆସିଥିଲା ଏବଂ କେତେ ଖର୍ଚ୍ଚ ହୋଇଅଛି ତାହାର ତାଲିକା କର୍ପୋରେସନରେ ଉପସ୍ଥାପନ କରିବା ପାଇଁ ନିଗମର ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ପୂଜା ବେହେରା କହିଥିଲେ ଯେ, ଗତ ସାଢେ ତିନି ବର୍ଷ ହୋଇଗଲା ମୋ ୱାର୍ଡ଼ର ସୀମା ଓ ପରିସୀମା ଜଣାପଡ଼ିଲା ନାହିଁ । ଗତ ୧୯ ତାରିଖରେ ମୋ ୱାର୍ଡ଼ରେ ବସ୍ତି ଉଚ୍ଛେଦ କରାଗଲା ମୋତେ ଜଣାଇଲେ ନାହିଁ । ଏହା ଉପରେ ଆଲୋଚନା କରାଗଲା । ତା ୧୦.୧୨.୨୦୨୫ ରିଖ ମଧରେ ୱାର୍ଡ଼ ନଂ-୨୧ ର ସୀମା ପରିସୀମା କର୍ପୋରେଟରଙ୍କୁ ଜଣାଇବା ପାଇଁ ଉପ ଆୟୁକ୍ତ, ଲ୍ୟାଣ୍ଡଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ନୃପେଶ କୁମାର ନାୟକ କହିଥିଲେ ଯେ, ରାସ୍ତାରେ ଲାଇଟ୍ ଜଳୁନାହିଁ, କିନ୍ତୁ Energy Saving ପାଇଁ ସଂସ୍ଥାକୁ ପଇସା ଦିଆଯାଉଅଛି । ଏହା ଉପରେ ଆଲୋଚନା କରାଗଲା । ଯେଉଁଠାରେ ଲାଇଟ୍ ଜଳୁନଥିବ ସେଥିପାଇଁ ସମ୍ପୃକ୍ତ ସଂସ୍ଥାଙ୍କ ଉପରେ ସେହି ଲାଇଟ୍‌ର ସମ୍ପୂର୍ଣ୍ଣ ପେନାଲ୍‌ଟି ଲାଗୁ ହେବ ଏବଂ ଯେଉଁଠାରେ ସକାଳେ ଲାଇଟ୍ ଜଳୁଥିବ ସେଠାରେ ଦୁଇ ଗୁଣା ପେନାଲ୍‌ଟି ସମ୍ପୃକ୍ତ ସଂସ୍ଥାଙ୍କ ଉପରେ ଲାଗୁ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ କହିଥିଲେ ଯେ, ମୋର ଜଣେ ସମ୍ପର୍କୀୟଙ୍କୁ ମ୍ୟୁନିସିପାଲ୍ କର୍ପୋରେସନ ଡ଼ାକ୍ତରଖାନାକୁ ନେଇ ଯାଇଥିଲି ସେଠାରେ ଡ଼ାକ୍ତର ଇକୋ ଟେଷ୍ଟ୍ କରିବା ପାଇଁ ପରାମର୍ଶ ଦେଲେ

ହେଲେ ଆମକୁ ବାହାରେ ପରୀକ୍ଷା କରି ବହୁ ସମୟ ପରେ ପୁଣି ଡ଼ାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଲା, ତେଣୁ ଜନସାଧାରଣ ସେବା ପାଇଁ ଇକୋ ମେସିନ୍ କ୍ରୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଗଲା । ପୁରୁଣା ଭୁବନେଶ୍ୱର ସ୍ଥିତ ଡ଼ାକ୍ତରଖାନା ପାଇଁ ଗୋଟିଏ ଇକୋ ମେସିନ୍ ଓ ଗୋଟିଏ Dental X-ray ମେସିନ୍ କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟି ବିବରଣୀ ପଠନ ସମୟରେ କମିଟିର ସଭାପତି କହିଥିଲେ ଯେ, ଗତ ମାସ କର୍ପୋରେସନରେ ଆଲୋଚନା ହୋଇଥିଲା ଦେଢ ମାସରେ ଭବାନୀ ମଲ୍‌ର ତଳ ମହଲାରେ ଥିବା ଦୋକାନ ଗୃହ ଆବଂଟନ ହେବ, କମିଟି ମଧ ନିଷ୍ପତି ନେଇଛି ଡ଼ିସେମ୍ବର-୧୫ ତାରିଖି ସୁଧା ଆବଂଟନ କରିବା ପାଇଁ, ତେଣୁ ଡ଼ିସେମ୍ବର-୧୫ ତାରିଖିରେ ଦୋକାନ ଗୃହ ଆବଂଟନ କରାଯାଉ ବୋଲି ଦାବି କରିଥିଲେ । ଏହା ଉପରେ ସ୍ପଷ୍ଟିକରଣ ଦେଇ କମିଶନର କହିଥିଲେ ଯେ, ଡ଼ିସେମ୍ବର-୧୫ ତାରିଖ ସୁଧା ଅଧା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ତା'ପରେ ଆବଂଟନ କରାଯିବ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଛବି ଦାଶ କହିଥିଲେ ଯେ, ଡ୍ରେନ୍ ସ୍ଲାବ୍ ପକାଇବା ପାଇଁ ପ୍ୟାକେଜ୍ ଟେଣ୍ଡର କଲେ ଡ୍ରେନ୍ ସ୍ଲାବ୍ ପକାଇ ପାରିଲେ ନାହିଁ ଏବେ ଡ୍ରେନ୍ କାମ ପାଇଁ Pre-cast Slab ପକାଇବା ପାଇଁ ଟେଣ୍ଡର ହୋଇଅଛି ଖରାପ ହେଲେ କିଏ ଦାୟୀ ରହିବେ ? ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀ ନୃପେଶ କୁମାର ନାୟକ କହିଥିଲେ ଯେ, ଏଗୁଡ଼ିକ ତିଆରି ସମୟରେ କିଏ ଦେଖିବ, ଏହାର ଗୁଣବତା କିଏ ଯାଂଚ୍ କରିବ ? ଏହା ଉପରେ ଆଲୋଚନା କରାଗଲା । ଏହି କାର୍ଯ୍ୟର ବିଲ୍ ସହିତ କାର୍ଯ୍ୟର ଗୁଣବତା କ୍ୱାଲିଟି କଂଟ୍ରୋଲ ଠାରୁ ସଠିକ୍ ଥିବାର ପ୍ରମାଣପତ୍ର ଦେଲେ ଏହାର ବିଲ୍ ପଇଠ କରାଯିବ ଏବଂ ଭବିଷ୍ୟତରେ କୌଣସି ଅଘଟଣ ଘଟିଲେ ସମ୍ପୃକ୍ତ ଅଧିକାରୀମାନେ ଦାୟୀ ରହିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମୋନାଲିସା ସାହୁ କହିଥିଲେ ଯେ, ମୋ ୱାର୍ଡ଼ର ସଫେଇ କାର୍ଯ୍ୟ ଠିକା ନେଇଥିବା ବେସିକ୍ସ ସଂସ୍ଥା ସଫେଇ କାର୍ଯ୍ୟ ଭଲଭାବେ କରୁନାହିଁ । ଏହା ଉପରେ ଆଲୋଚନା କରାଗଲା । ସମ୍ପୃକ୍ତ ସଂସ୍ଥାଙ୍କ କାର୍ଯ୍ୟ ସମ୍ପର୍କରେ ଯାଂଚ୍ କରାଯାଇ ଉପଯୁକ୍ତ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ପ୍ରସ୍ତାବ-୧.** ଗତ ତା ୩୧.୧୦.୨୦୨୫ ରିଖ ସାଧାରଣ ବୈଠକ ବିବରଣୀ ଦୃଢୀକରଣ:-

**ନିର୍ଦ୍ଧାରଣ-୧.** ଗତ ତା ୩୧.୧୦.୨୦୨୫ ରିଖ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ-୨.** **ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତ୍ତର:- (ତା ୨୬.୧୧.୨୦୨୫ ରିଖ)**

ଶ୍ରୀ ଅମରେଶ ଜେନା, ୱାର୍ଡ଼ ନଂ-୪୫ (ଗତ ତା ୩୧.୧୦.୨୦୨୫ ରିଖର ପ୍ରଶ୍ନ)

ପ୍ରଶ୍ନ-୨(୧). ଏକ ବର୍ଷ ମଧ୍ୟରେ ଏକାମ୍ର ପ୍ଲାନ୍ ପାଇଁ କେତେ ଟଙ୍କା ଆସିଥିଲା, ସେଥି ମଧ୍ୟରୁ ଜମି ଅଧିଗ୍ରହଣ ପାଇଁ କେତେ ଟଙ୍କା ଆସିଥିଲା ? ଏହି କାର୍ଯ୍ୟ ପାଇଁ କେତେ ଗୋଟି ଫାଇଲ୍ କେଉଁ କାର୍ଯ୍ୟ ପାଇଁ ମାନନୀୟା ମେୟରଙ୍କ ଅନୁମୋଦନ ପାଇଁ ଆସିଅଛି ଏବଂ ଆଉ କେତେ ଗୋଟି ଫାଇଲ୍ ମାନନୀୟା ମେୟରଙ୍କ ଅନୁମୋଦନ ପାଇଁ ରହିଅଛି ? କେଉଁ ଫାଇଲ୍ ମାନନୀୟା ମେୟରଙ୍କ ଅନୁମୋଦନ ନହୋଇ ଏହି କାର୍ଯ୍ୟ ହୋଇଅଛି ଗୃହକୁ ଜଣାଇବେ କି ?

ଉତ୍ତର-୨(୧). ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଏକାମ୍ର ପ୍ଲାନ୍ ଏବଂ ଡ୍ରେନେଜ୍‌ର ଜମି ଅଧିଗ୍ରହଣ ପାଇଁ କୌଣସି ଅନୁଦାନ ନିଗମକୁ ପ୍ରାପ୍ତ ହୋଇନାହିଁ । ପୂର୍ବ ଆର୍ଥିକ ବର୍ଷର ବଳକା ଥିବା ଅନୁଦାନ ଅର୍ଥରୁ ଏକ ବର୍ଷ ମଧ୍ୟରେ ଏକାମ୍ର ଯୋଜନା ଭୂମି ଅଧିଗ୍ରହଣ ନିମନ୍ତେ ୩ ଗୋଟି ଏବଂ ଡ୍ରେନେଜ୍ ଜମି ଅଧିଗ୍ରହଣ ନିମନ୍ତେ ୮ ଗୋଟି ନଥିରେ ମାନନୀୟା ମେୟରଙ୍କର ଅନୁମୋଦନ ନିଆଯାଇ ଆବଶ୍ୟକୀୟ ଧାର୍ଯ୍ୟ ରାଶି ସମ୍ପୃକ୍ତ ଖାତା ରୟତ ମାନଙ୍କୁ ପ୍ରଦାନ କରାଯାଇଅଛି । ଏତଦ୍ ବ୍ୟତୀତ ଆଉ ୧୦ ଗୋଟି ନଥି ଏକାମ୍ର ପ୍ଲାନ୍ ଭୂମି ଅଧିଗ୍ରହଣ ପାଇଁ ଓ ୪ ଗୋଟି ନଥି ଡ୍ରେନେଜ୍ ଜମି ଅଧିଗ୍ରହଣ ପାଇଁ ମାନନୀୟା ମେୟରଙ୍କ ଅନୁମୋଦନ ନିମନ୍ତେ ପ୍ରସ୍ତୁତ କରାଯାଇଅଛି ଏବଂ ଏହିସବୁ ନଥି ଆବଶ୍ୟକୀୟ ତନଖିବା ପରେ ପର୍ଯ୍ୟାୟ କ୍ରମେ ଉପ ଆୟୁକ୍ତ (ଭୂ-ବିଭାଗ) ଙ୍କ ଜରିଆରେ ଉଚ୍ଚ ଅଧିକାରୀଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ । ମାନନୀୟା ମେୟରଙ୍କ ଅନୁମୋଦନ ନହୋଇ କୌଣସି ନଥିରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

ପ୍ରଶ୍ନ-୨(୨). ବି.ଏମ୍.ସି ଭିତରେ ବିଭିନ୍ନ ଜନବସତିରେ ରାସ୍ତାକୁ ସଂଲଗ୍ନ କରି ଦୋକାନ ଓ ଘର କରିବା ବି.ଏମ୍.ସି ପାଖରେ ସୂଚନା ଅଛି କି, ଯେଉଁମାନେ ବିନା ପ୍ଲାନ୍‌ରେ ଘର ଓ ଦୋକାନଘର କରିଛନ୍ତି ବି.ଏମ୍.ସି ତାଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ଏବଂ ଚଳିତ ବର୍ଷରେ କେତୋଟି କମ୍ପ୍ଲେନ୍ ହୋଇଛି ଏବଂ କ'ଣ ଆକ୍ସନ୍ ନିଆଯାଇଛି ତାହାର ସବିଶେଷ ତଥ୍ୟ ଦୟାକରି ଗୃହକୁ ଜଣାଇବେ କି ?

ଉତ୍ତର-୨(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ଜନବସତିରେ ଖାଲିଥିବା ପ୍ଲଟ୍ ଗୁଡ଼ିକର ବିଲ୍ଡିଂ ପ୍ଲାନ୍ ଏବଂ Layout Plan ODA Act ଧାରା ୧୫,୧୬ ଓ ୧୭ ଅନୁସାରେ ଅନୁମୋଦନ କରାଯାଉଅଛି ଏବଂ ଅନୁମତି ପତ୍ର ଗୁଡ଼ିକ ODA (P&BS) ନିୟମ ଅନୁଯାୟୀ ପ୍ରଦାନ କରାଯାଇଥାଏ । ଯେଉଁମାନେ ବିନା ପ୍ଲାନ୍‌ରେ ଘର ଓ ଦୋକାନଘର କରିଛନ୍ତି ସେମାନଙ୍କ ବିରୁଦ୍ଧରେ ODA Act ଧାରା ୯୦,୯୧,୯୨ ଅନୁସାରେ ଉପ ଆୟୁକ୍ତ (ଏନ୍‌ଫୋର୍ସମେଂଟ) ଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ।

ଚଳିତ ବର୍ଷ ୧୦୪ ଗୋଟି ଅଭିଯୋଗ ଉପରେ ODA Court ରେ କେଶ୍ ହୋଇ ବିଗ୍ରହାଧିନ ଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଗଳି ରାସ୍ତାରେ ବହୁ ବେଆଇନ୍ ଦୋକାନ ଗୃହ ଅଛି, ନୂଆ ଘର ମଧ ନିର୍ମାଣ ହେଉଅଛି ଅଭିଯୋଗ କଲେ ମଧ କେହି ଶୁଣୁନାହାଁନ୍ତି । ଏହା ଉପରେ ଆଲୋଚନା କରାଗଲା । ଯେଉଁଠାରେ ଅଭିଯୋଗ ଆସୁଅଛି ତାଙ୍କର ବିଦ୍ୟୁତ୍ ଓ ଜଳ ବିଚ୍ଛିନ୍ନ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ଲେଖାଯିବ ଏବଂ ପ୍ରତି ମାସରେ ଯାହା ଉଚ୍ଛେଦ ହେଉଅଛି ତାହାର କପି ପ୍ରତି ମାସ କର୍ପୋରେସନ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଯେଉଁ କଲ୍ୟାଣମଣ୍ଡପ, ଦୋକାନ ଗୃହ, ମଦ ଦୋକାନ ପାଖରେ ପାର୍କିଙ୍ଗ୍ ପାଇଁ ସ୍ଥାନ ନଥିବ ରାସ୍ତା ଉପରେ ଗାଡ଼ି ରହୁଥିବ ସେହି କଲ୍ୟାଣମଣ୍ଡପ, ମଦ ଦୋକାନ ଓ ଦୋକାନ ଗୃହକୁ ସିଲ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଶ୍ରୀଧର ବେହେରା, ୱାର୍ଡ଼ ନଂ-୫୨</u>

ପ୍ରଶ୍ନ-୨(୩). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୫୨ ଭୀମପୁର ଠାରେ ସ୍ଲିଙ୍ଗ୍ ଟ୍ୟାଙ୍କ୍ ଠାରୁ ପୁରୁଣା ଏୟାର୍‌ପୋର୍ଟ ଛକ ମଝିରେ ଥିବା ମୁଖ୍ୟ ନାଳ ନଂ-୭ ର ଉଦ୍ଧାରିକରଣ ପ୍ରକଳ୍ପ କେବେ ଆରମ୍ଭ ହୋଇଥିଲା ଏବଂ କେବେ ଶେଷ ହୋଇଥିଲା ? ଏହାର ଏଷ୍ଟିମେଟ୍ ରାଜ୍ୟ ସରକାର କେବେ ଆପ୍ରୁଭାଲ୍ ଦେଲେ ଏବଂ କେତେ ଟଙ୍କା ପାଇଁ ଆପ୍ରୁଭାଲ୍ ଦେଲେ ? ଏହି ପ୍ରକଳ୍ପ ତଦାରଖି କରିବା ପାଇଁ କେତେ ଜଣ ଟୁଲିପ୍ ନିୟୋଜିତ ହୋଇଥିଲେ ଏବଂ କେତୋଟି ଜେ.ସି.ବି ନିୟୋଜିତ ହୋଇଥିଲା ? ଦିନରାତି କେତେ ଘଂଟା କାମ କରନ୍ତି ? ସମୁଦାୟ କେତେ ଦିନ କାମ ହୋଇଅଛି ଏବଂ କେତେ ଘଂଟା କାମ ହୋଇଅଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ଗୃହକୁ ଜଣାଇପାରିବେ କି ?

ଉତ୍ତର-୨(୩). ତଥ୍ୟ ସଂଗ୍ରହ କରାଯାଇ ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରାଯିବ ।

ପ୍ରଶ୍ନ-୨(୪). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଉକ୍ତ ସ୍ଲିଙ୍ଗ୍ ଟ୍ୟାଙ୍କ୍ ପ୍ରକଳ୍ପର ଆରମ୍ଭରୁ ଶେଷ ହେବା ଭିତରେ ଲେକ୍‌ମ୍ୟାନ୍ Anand Malligovad କେତେ ଥର ପରିଦର୍ଶନରେ ଆସିଛନ୍ତି ? ମ୍ୟାପ୍ ଏବଂ ଡ଼ିଜାଇନ୍ କେତେ ଥର ବଦଳାଇଛନ୍ତି ଏବଂ କେଉଁ କେଉଁ ମାସରେ ବଦଳାଯାଇଛି ? ମ୍ୟାପ୍ ଏବଂ ଡ଼ିଜାଇନ୍ ବଦଳିବା ଦ୍ୱାରା କେଉଁ କେଉଁ କାମ ବାରମ୍ବାର କରାଯାଇଛି ଏବଂ କେତେ ଥର କରାଯାଇଛି ? ମୁଖ୍ୟ ନାଳ ନଂ-୭ କୁ କେତେ ଥର ଘୁଂଚା ଯାଇଛି ? ଏହିସବୁ ଡ଼ିଜାଇନ୍ ବଦଳାଇବାରେ କେଉଁ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହି ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ? ଏହାର ଏଷ୍ଟିମେଟ୍ କରାଯାଇଛି କି, ଯଦି କରାଯାଇନାହିଁ ତେବେ କାହିଁକି କରାଯାଇନାହିଁ ଏବଂ ତାହା କେବେ କରାଯିବ ତାହାର ସମ୍ପୂର୍ଣ୍ଣ ତଥ୍ୟ ଗୃହରେ ଜଣାଇପାରିବେ କି ?

ଉତ୍ତର-୨(୪). ତଥ୍ୟ ସଂଗ୍ରହ କରାଯାଇ ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରାଯିବ ।

ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ଼ ନଂ-୩୧

ପ୍ରଶ୍ନ-୨(୫). ସଭାପତି ମହୋଦୟା କୋଚିଲାଖାଇ ହାଟରେ କେତେ ବ୍ୟବସାୟୀ ଅଛନ୍ତି, ସେଥିମଧ୍ୟରୁ କେତେ ଜଣ ବ୍ୟବସାୟୀ ଏଗ୍ରୀମେଂଟ କରିଛନ୍ତି, ଅନ୍ୟ ମାନଙ୍କର କେବେ ସୁଧା ଏଗ୍ରିମେଂଟ ହେବ ଏବଂ ଏ ବାବଦରେ କେତେ ଟଙ୍କା ଆଦାୟ କରାଯାଇଛି ଗୃହକୁ ଜଣାଇବେ କି ?

ଉତ୍ତର-୨(୫). ମା' କୋଚିଲାଖାଇ ହାଟରେ ସମୁଦାୟ ୬୧୬ ଜଣ ବ୍ୟବସାୟୀ ଅଛନ୍ତି । ସେଥିମଧ୍ୟରୁ ୨୦୦ ଜଣ ଦୋକାନୀ ବି.ଏମ୍.ସି ସହିତ ଅଦ୍ୟାବଧି ଏଗ୍ରିମେଂଟ କରିଅଛନ୍ତି ଏବଂ ଅନ୍ୟମାନଙ୍କୁ ଯଥାଶୀଘ୍ର ଏଗ୍ରିମେଂଟ ସାଇନ୍ କରିବା ପାଇଁ ନୋଟିସ୍ ନଂ-୫୯୦୯୩ ତା ୨୧.୧୧.୨୦୨୫ ରିଖ ମାଧ୍ୟମରେ ପୁନର୍ବାର ଅନୁରୋଧ କରାଯାଇଅଛି । ଏହି ବାବଦରେ ଦୋକାନୀ ମାନଙ୍କ ଠାରୁ ଟ ୫୫,୦୦,୦୦୦/-ଙ୍କା ଅଦ୍ୟାବଧି ଆଦାୟ କରାଯାଇ ମହାନଗର ନିଗମରେ ପଇଠ କରାଯାଇଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଯେଉଁ ଦୋକାନୀମାନେ ରାଜି ହେଉନାହାଁନ୍ତି ସେମାନଙ୍କୁ ହାଟରୁ ଉଚ୍ଛେଦ କରାଯାଉ । ଏହା ଉପରେ ଆଲୋଚନା କରାଗଲା । ଆଂଚଳିକ ଅଧିକାରୀ (ଦକ୍ଷିଣ-ପୂର୍ବ), ଉପ ଆୟୁକ୍ତ, ମାର୍କେଟ୍, ଉପ ଆୟୁକ୍ତ, ରାଜସ୍ୱ ମିଳିତ ଭାବେ ୧୫ ଦିନ ମଧ୍ୟରେ ଏହାର ସମାଧାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ, ୱାର୍ଡ଼ ନଂ-୪୯

ପ୍ରଶ୍ନ-୨(୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଆଇଗିଣିଆ ଠାରେ ନିର୍ମାଣ ହୋଇଥିବା ଗ୍ୟାସ୍‌ଚାଳିତ ଶ୍ମଶାନ ଗତ ତା ୩୧.୦୮.୨୦୨୫ ରିଖରେ ଉଦ୍‌ଘାଟିତ ହୋଇଯାଇଅଛି, କିନ୍ତୁ ସେଠାରେ ରକ୍ଷଣାବେକ୍ଷଣ ଅଭାବ ଏବଂ ବାକିଥିବା ପ୍ରାଚୀର କାମ ସରିନଥିବାରୁ ବିଭିନ୍ନ ପ୍ରକାର ଅସାମାଜିକ ଘଟଣା ଘଟିଚାଲିଛି । ପ୍ରାଚୀର ନିର୍ମାଣ ସମ୍ବନ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଥିବା କେଶ୍ ଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମ ସପକ୍ଷରେ ନିଷ୍ପତି ଦେଇଛନ୍ତି, କିନ୍ତୁ ଆଜିକା ତାରିଖରେ କ'ଣ କ'ଣ ବାଧା ରହିଛି ଯେଉଁଥିପାଇଁ ମଶାଣିର ଅଧା ଥିବା ପ୍ରାଚୀର କାମ ଶେଷ ହୋଇପାରୁନାହିଁ ଓ କେବେ କାମ ଶେଷ ହେବ ?

ଉତ୍ତର-୨(୬). ଭୁବନେଶ୍ୱର ମହାନଗର ନିଗମ ତରଫରୁ ଆଇଗିଣିଆ ଠାରେ ନିର୍ମାଣ ହୋଇଥିବା ଗ୍ୟାସ୍‌ଚାଳିତ ଶ୍ମଶାନର ବାକିଥିବା ପ୍ରାଚୀର ନିର୍ମାଣ ସମ୍ବନ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଥିବା କେଶ୍ ଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମ ସପକ୍ଷରେ ନିଷ୍ପତି ଦେଇଥିଲେ ମଧ୍ୟ ପୂର୍ବ ଠିକାଦାର ଉକ୍ତ କାର୍ଯ୍ୟ ନକରିବା ପାଇଁ ଜଣାଇଛନ୍ତି । ଆଇଗିଣିଆ ଠାରେ ନିର୍ମିତ ଗ୍ୟାସ୍‌ଚାଳିତ ଶ୍ମଶାନ ଏବଂ ଏଠାରେ ନିର୍ମାଣ ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟରେ ୩ ଗୋଟି କେଶ୍ ବିଭିନ୍ନ ସମୟରେ ଦାଏର୍ କରାଯାଇଅଛି, ଏଥି ମଧ୍ୟରୁ ୨ ଗୋଟି କେଶ୍‌ରେ ମାନ୍ୟବର ଅଦାଲତ ଫଇସଲା ଶୁଣାଇ ସାରିଛନ୍ତି ଓ ବର୍ତ୍ତମାନ WP(C) No.-8130/2024 କେଶ୍‌ଟି ଯାହା ଶ୍ରୀ ବିଚିତ୍ରାନନ୍ଦ ଛୁଆଳସିଂ ଙ୍କ ଦ୍ୱାରା ଫାଇଲ୍ କରାଯାଇଅଛି, ତାହା ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଠାରେ ବିଚାରାଧୀନ ଅଛି । ଉକ୍ତ ମାମଲାଟିରେ ମାନ୍ୟବର ଅଦାଲତଙ୍କ ପରବର୍ତୀ ନିର୍ଦ୍ଦେଶ ହସ୍ତଗତ ହେବାପରେ ବିହିତ ପଦକ୍ଷେପ ନିଆଯିବ ।

1.W.P.(C) No.-12991/2023 (Disposed) 2. W.P.(C) No.-8130/2024 (pending) 3. WP(C) No.-11880/2025 (Disposed)

ଶ୍ରୀ ସନ୍ତୋଷ କୁମାର ସିଂ, ୱାର୍ଡ଼ ନଂ-୫୭

ପ୍ରଶ୍ନ-୨(୭). ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୱାର୍ଡ଼ ନଂ-୫୫ ପାଇଁ କେତେ ଟଙ୍କା ପବ୍ଲିକ୍ ୱାର୍କସ ବାବଦରେ ଖର୍ଚ୍ଚ କରାଯାଇଛି ?

(କ) ଖର୍ଚ୍ଚ କରାଯାଇଛି ବା କରାଯିବାକୁ ଥିବା ପ୍ରୋଜେକ୍ଟ ଗୁଡ଼ିକର ନାମ:-

(ଖ) ଟେଣ୍ଡର ହୋଇସାରିଛି ବା ହେବାକୁ ଥିବା ସମସ୍ତ ପ୍ରକଳ୍ପର ନାମ ଓ ଅର୍ଥର ପରିମାଣ:-

ଉତ୍ତର-୨(୭). ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୱାର୍ଡ଼ ନଂ-୫୫ ପାଇଁ ପବ୍ଲିକ୍ ୱାର୍କସ ବାବଦରେ ଖର୍ଚ୍ଚ କରାଯାଇଥିବା ପ୍ରୋଜେକ୍ଟ ଗୁଡ଼ିକର ନାମ ପ୍ରଦାନ କରାଯାଇଅଛି ।

ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫

ପ୍ରଶ୍ନ-୨(ଘ). ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ପରିମଳ ଓ ସଫେଇ (Sanitation) ଏବଂ ପବ୍ଲିକ୍ ୱାର୍କସ ପାଇଁ ବି.ଏମ୍.ସି କେତେ କେତେ ଟଙ୍କାର budgetary provision ରଖିଥିଲା ?

(କ) ଉକ୍ତ ଅର୍ଥ କେଉଁ କେଉଁ ମାଧମରେ କର୍ପୋରେସନ ତହବିଲ୍କୁ ଆସିବାର ଥିଲା ? ଅର୍ଥାତ୍ ବି.ଏମ୍.ସିର ନିଜସ୍ୱ ରୋଜଗାର ତଥା ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଅନୁଦାନ କେଉଁ କେଉଁ ଦିଗରୁ ଅର୍ଥ କର୍ପୋରେସନ ତହବିଲ୍କୁ ଆସିବାର ଥିଲା କିନ୍ତୁ ଅଦ୍ୟାବଧି ଆସିପାରିଲା ନାହିଁ ଯାହାଫଳରେ କର୍ପୋରେସନର budgetary provision କୁ meet କରିପାରିଲା ନାହିଁ, ଏ ବାବଦରେ ସ୍ପଷ୍ଟ ଭାବରେ ଲିଖିତରେ ଜଣାନ୍ତୁ ।

(ଖ) ଉପରୋକ୍ତ ବିଭାଗର ଖର୍ଚ୍ଚ ପାଇଁ କେଉଁଥିରେ କେତେ ଟଙ୍କା shortfall ହେଲା ବା meet କଲା ? ଯଦି shortfall ହେଲା ତେବେ କେତେ ଅର୍ଥ shortfall ହେଲା ? ଅଦ୍ୟାବଧି ଉପରୋକ୍ତ ବିଭାଗର କାର୍ଯ୍ୟ ପୂରଣ ନିମନ୍ତେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆମେ କେତେ ଟଙ୍କା ଖର୍ଚ୍ଚ କରିଛେ ? ଆଉ କେତେ ଟଙ୍କାର ଆବଶ୍ୟକତା ରହିଛି ?

Budgetary Provision for F.Y 2024-25, 2025-26:-
Source of Fund as per Budgetary Provision:-
Which Source of Fund could not work out according to Budgetary Provision:-

ଉତ୍ତର-୨(ଘ). ଭୁବନେଶ୍ୱର ମହାନଗର ନିଗମର ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ରେ ପରିମଳ ଓ ସଫେଇ (Sanitation) ଏବଂ Public Works ପାଇଁ କରାଯାଇଥିବା Budget provision ଓ Actual Expenditure ର ବିବରଣୀ ନିମ୍ନ ରେ ପ୍ରଦତ୍ତ କରାଯାଇଥିଲା ।

| FY | Head | Budget Provision in (Rs.) | Expenditure in (Rs.) |
|---|---|---|---|
| 2024-25 | Sanitation | 119,30,44,207 | 168,35,77,990/- |
| 2024-25 | Developmental Works | 351,47,28,062 | 331,17,75,648/- |
| | | | |
| 2025-26 | Sanitation | 135,11,59,534 | 96,24,85,551/- (Upto Oct-25) |
| 2025-26 | Developmental Works | 321,69,65,680 | 155,41,73,089/- (Upto Octo-25) |

ଉକ୍ତ ଅର୍ଥ ୨୦୨୪-୨୫ ଆର୍ଥିକ ବର୍ଷରେ 15th FC Grant, 5th SFC Grant, 5th SFC Sanitation Grant, Devolution Fund, Renovation of Water Body, NCAP Grant, Strom Water Drainage, MV Tax, UNNATI ଏବଂ ବି.ଏମ୍.ସି ର ନିଜସ୍ୱ ଆୟରୁ Corporation ତହବିଲ କୁ ଆସିବାର Budget Provision କରାଯାଇଥିଲା ବେଳେ ନିମ୍ନୋକ୍ତ ଅନୁଦାନ ଗୁଡିକ Corporation ତହବିଲ କୁ ଆସିପାରିଲା ନାହିଁ ।

| FY | Name of Grant | Budgeted Amount (Rs.) |
|---|---|---|
| 2024-25 | Grant for Renovation of Water Body (H&UD) | Rs.50,00,00,000/- |
| 2024-25 | Creation of Capital Asset-Kalyan Mandap (R&B) | Rs.10,00,00,000/- |
| 2024-25 | Development of Crematorium Grant (H&UD) | Rs.50,00,000/- |

ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ହେବାକୁ ଥିବା ଖର୍ଚ୍ଚ 15th FC Grant, 5th SFC Grant, State Plan (15th Basic and Tied Grant, 5th SFC Sanitation Grant, Devolution Fund, Water Body Grant, AMRUT, Crematorium Grant, NCAP, Strom Water Drainage, MV Tax, UNNATI, MSBY) ଏବଂ ବି.ଏମ୍.ସି ନିଜସ୍ୱ ଆୟରୁ ମଧ Corporation ତହବିଲ କୁ ଆସିବାର Budget Provision କରାଯାଇଛି । ଉକ୍ତ ଅନୁଦାନ ଗୁଡିକରୁ ଆଂଶିକ ଅନୁଦାନ ମିଳିସାରିଥିବା ବେଳେ UNNATI ରେ ଶତ ପ୍ରତିଶତ ଅନୁଦାନ Corporation କୁ ମିଳିସାରିଛି । ଅନ୍ୟ କୌଣସି ଅନୁଦାନ ବର୍ତ୍ତମାନ ସୁଦ୍ଧା ପ୍ରାପ୍ତ ହୋଇନାହିଁ ।

ପ୍ରଶ୍ନ-୨(୯). ଗତ ମାସରେ ବି.ଏମ୍.ସି Head office ତରଫରୁ ୧୦୦ ଗୋଟି Steel Almirah Godrej Company ରୁ କ୍ରୟ କରାଯାଇଥିଲା ।

(କ) ଏ ବାବଦରେ Godrej Company କୁ କେତେ ଟଙ୍କା ସର୍ବମୋଟ୍ ପ୍ରଦାନ କରାଯାଇଥିଲା ?

(ଖ) ଏହି Almirah ଗୁଡ଼ିକ Godrej Company ର କେଉଁ ଶାଖାରୁ କିଣାଯାଇଥିଲା ତାହାର Purchase Bill, Warrenty ଏବଂ Guarantee Card ର ଏକକିତା ନକଲ କର୍ପୋରେସନକୁ ପ୍ରଦାନ କରାଯାଉ ।

(ଗ) ଉପରୋକ୍ତ ଖର୍ଚ୍ଚ ପାଇଁ କର୍ପୋରେସନ କେବେ ଅନୁମୋଦନ ଦେଇଥିଲା ?

ଉତ୍ତର-୨(୯). ବି.ଏମ୍.ସି କାର୍ଯ୍ୟାଳୟ ତରଫରୁ ୧୩୦ ଗୋଟି Godrej ଆଲ୍ମିରା ଟେଣ୍ଡର ମାଧ୍ୟମରେ କ୍ରୟ କରାଯାଇଥିଲା ।

(କ) ଏ ବାବଦରେ Godrej Company ର ସମୁଦାୟ ଅର୍ଥରାଶିର ମୂଲ୍ୟ ଟ୨୩,୭୪,୪୭୯/-ଙ୍କା ଅଟେ । ଚୁକ୍ତିପତ୍ର ମୁତାବକ ସମୁଦାୟ ଅର୍ଥରାଶିର ଶତକଡ଼ା ୮୦ ଭାଗ ଅର୍ଥ ଟ୧୮,୯୯,୫୮୩/-ଙ୍କା ପଇଠ କରାଯାଇଅଛି ।

(ଖ) ଏହି Almirah ଗୁଡ଼ିକ Godrej Company ଅଧିନସ୍ଥ ନର୍ମଦା ଫର୍ଣ୍ଣିଚର ଚୌଧୁରୀ ମାର୍କେଟ୍, ବାପୁଜୀନଗର ଭୁବନେଶ୍ୱର ଶାଖାରୁ କିଣାଯାଇଅଛି । ବିଲ୍, Warranty/Guaranty ର ଏକକିତା ନକଲ ପ୍ରଦାନ କରାଗଲା ।

(ଗ) ଉପରୋକ୍ତ ଖର୍ଚ୍ଚ ବାବଦରେ କର୍ପୋରେସନ ତା ୨୫.୧୧.୨୦୨୪ ରିଖ ୭(୬) ପ୍ରସ୍ତାବରେ ଅନୁମୋଦନ କରିଛନ୍ତି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, କର୍ପୋରେସନ ତା ୨୫.୧୧.୨୦୨୪ ରିଖରେ ଅନୁମୋଦନ କଲେ କିନ୍ତୁ ବିଲ୍ ଆସିଛି ତା ୧୮.୧୧.୨୦୨୫ ରିଖରେ, ଗଡ଼୍ରେଜ୍ କମ୍ପାନୀ ଭଲ ଜିନିଷ ଦିଏ, ନର୍ମଦା ଫର୍ଣ୍ଣିଚର ଦୋକାନୀ ଠିକ୍ ଜିନିଷ ଦେଇନାହିଁ । ଏହା ଉପରେ ଆଲୋଚନା କରାଗଲା । ଉକ୍ତ ଆଲ୍ମିରା ଗୁଡ଼ିକର ଗୁଣବତା ଯାଂଚ୍ କରାଯାଇ ଉପଯୁକ୍ତ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଭରତ କୁମାର ଲେଙ୍କା, ୱାର୍ଡ ନଂ-୪୩</u>

ପ୍ରଶ୍ନ-୨(୧୦). ଚଳିତ ବର୍ଷ ମଇ ମାସରେ ହୋଇଥିବା କର୍ପୋରେସନରେ ସୃଷ୍ଟି ବିଲ୍ଡ଼ର୍ ଦ୍ୱାରା ନିର୍ମାଣ କରାଯାଇଥିବା Smruti Signature Apartment ବିଷୟରେ ମୁଁ ପଚାରିଥିବା ପ୍ରଶ୍ନର ଉତର ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ । ଆପଣଙ୍କ ଗୃହ, ସବିଶେଷ ବିବରଣୀ ତଥ୍ୟ ଅନୁଧାନ କରି ରଖିବ ବୋଲି ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏହାର କୌଣସି ଉତର ମୋତେ ସନ୍ତୋଷଜନକ କରିପାରିନାହିଁ, ଏଣୁ ଗୃହ ମାଧ୍ୟମରେ ମୋର ଆପଣଙ୍କୁ ଅନୁରୋଧ ଏହାର ସବିଶେଷ ତଥ୍ୟ ପ୍ରଦାନ କରାଯାଉ ।

ଉତ୍ତର-୨(୧୦). ଏହି ସମ୍ବନ୍ଧରେ ପଚାରିଥିବା ପ୍ରଶ୍ନର ଉତର ବିଭିନ୍ନ ସମୟରେ ଦିଆଯାଇଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ସେଠାରେ EIDP ରେ କ'ଣ କାର୍ଯ୍ୟ କଲେ କାହା ସ୍ୱାର୍ଥରେ NOC ଦିଆଗଲା ଏହା ଉପରେ ତଦନ୍ତ ହେଉ ଦାବି କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ସାତ ଦିନ ମଧ୍ୟରେ ନଗର ଯନ୍ତ୍ରୀ ତଦନ୍ତ କରି ରିପୋର୍ଟ ଦେବେ । ସମ୍ପୃକ୍ତ ବିଲ୍ଡ଼ର୍ ଅକୁପାନ୍ସି ସାର୍ଟିଫିକେଟ୍ ନେଇନଥିଲେ ସେଠାରେ ପାଣି ଲାଇନ୍ କାଟିବା ପାଇଁ WATCO ଓ ବିଦ୍ୟୁତ୍ ସଂଯୋଗ କାଟିବା ପାଇଁ TPCODL କୁ ଲେଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଚନ୍ଦ୍ରଶେଖର ମଲିଆ, ୱାର୍ଡ ନଂ-୬୦</u>

ପ୍ରଶ୍ନ-୨(୧୧). ଗତ ତା ୩୧.୧୦.୨୦୨୪ ରିଖ କର୍ପୋରେସନ ବୈଠକରେ ମୋର ପ୍ରଶ୍ନ ସଂଖ୍ୟା-୨(୧୨) ର ଉତରରେ ଜଣାଇ ଦିଆଯାଇଥିଲା କି, ଭତା ମଞ୍ଜୁରୀ କରାଯିବା ପ୍ରକ୍ରିୟା ସମୟସାପେକ୍ଷ, ତେଣୁ ଦକ୍ଷିଣ-ପୂର୍ବ ମଣ୍ଡଳରୁ ମିଳିଥିବା ତା ୨୨.୦୯.୨୦୨୫ ରିଖର ଶୂନ୍ୟସ୍ଥାନ ତାଲିକା ଅନୁସାରେ ଅକ୍ଟୋବର ମାସ ପାଇଁ ଭତା ମଞ୍ଜୁର କରାଯାଇଅଛି । ତା ୦୪.୧୦.୨୦୨୫ ରିଖରେ ମିଳିଥିବା ଶୂନ୍ୟସ୍ଥାନ ଆସନ୍ତା ମାସରେ ମଞ୍ଜୁର କରାଯିବ । ମାତ୍ର ଚଳିତ ନଭେମ୍ବର ମାସ ପ୍ରାୟ ଶେଷ ହେବାକୁ ଥିବାବେଳେ ମୋ ୱାର୍ଡ଼ର କୌଣସି ଭତା ଏପର୍ଯ୍ୟନ୍ତ ମଞ୍ଜୁର କରାଯାଇନାହିଁ କାହିଁକି ? ଗତ ତା ୨୨.୦୯.୨୦୨୫ ରିଖ ଓ ତା ୦୪.୧୦.୨୦୨୫ ରିଖରେ ଦକ୍ଷିଣ-ପୂର୍ବ ମଣ୍ଡଳରୁ ୬୦ ନମ୍ବର ୱାର୍ଡ଼ରେ କେତେ କେତେ ଶୂନ୍ୟସ୍ଥାନ ଥିବା କେଉଁ କେଉଁ ପତ୍ରରେ ଦିଆଯାଇଛି ତାହା ଗୃହକୁ ଅବଗତ କରିବେ କି ?

ଉତ୍ତର-୨(୧୧). ତା ୨୩.୦୯.୨୦୨୫ ରିଖ ମିଟିଙ୍ଗ୍‌ର ପ୍ରୋସିଡ଼ିଙ୍ଗ୍ ଅନୁଯାୟୀ ପ୍ରତ୍ୟେକ ମାସ ୨୦ ତାରିଖ ସୁଧା ଜୋନ୍ ଅଫିସ୍ ରୁ ଆସିଥିବା ମୃତ୍ୟୁ ତାଲିକା ଓ ଏହାର Discontinuance status ଅନୁଯାୟୀ ଆସନ୍ତା ମାସର ଶୂନ୍ୟସ୍ଥାନ ପୂରଣ କରାଯିବ । ନୂତନ ହିତାଧିକାରୀଙ୍କ ତାଲିକା ମଞ୍ଜୁର ଆସନ୍ତା ୫ ତାରିଖ ସୁଧା କରାଯିବ, ଏଣୁ ନଭେମ୍ବର ମାସର ଭତା ତାଲିକା ମଞ୍ଜୁର କରାଯିବ । ଗତ ତା ୨୨.୦୯.୨୦୨୫ ରିଖରେ ୧୦ ଗୋଟି (୬ ଗୋଟି long Absentee ଓ ୪ ଗୋଟି Death Vacancy) ଓ ତା ୦୪.୧୦.୨୦୨୫ ରିଖରେ ୧୧ ଗୋଟି (21-10) ପ୍ରାପ୍ତ ହୋଇଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ମୋ ୱାର୍ଡ଼ରେ ୨୧ ଗୋଟି ଖାଲି ଅଛି କିନ୍ତୁ ହିତାଧିକାରୀଙ୍କୁ ଦିଆଯାଉନାହିଁ । ଆଲୋଚନାରେ ଭାଗନେଇ କର୍ପୋରେଟର ଅସିୟା ବେଗମ୍ କହିଥିଲେ ଯେ, ମୋ ୱାର୍ଡ଼ରେ ବହୁ ହିତାଧିକାରୀ ଦୀର୍ଘ ଦିନ ହେବ ଅନୁପସ୍ଥିତ ରହୁଛନ୍ତି, ତେଣୁ ସେମାନଙ୍କୁ ବାଦ୍ ଦେଇ ମୋ ୱାର୍ଡ଼ର ହିତାଧିକାରୀଙ୍କୁ ଭତା ଦିଆଯାଉ । ଏହା ଉପରେ ଆଲୋଚନା କରାଗଲା । ଯେଉଁ ହିତାଧିକାରୀଙ୍କ ଭତା ଅନୁମୋଦନ ହେଉଅଛି ତାହାର କପି କର୍ପୋରେଟରଙ୍କୁ ଦିଆଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଆଲୋଚନାରେ ଭାଗନେଇ କର୍ପୋରେଟର ଶ୍ରମତୀ ଯଶୋଧାରା ପ୍ରଧାନ କହିଥିଲ ଯେ, ମୋ ୱାର୍ଡ଼ରେ ଜଣଙ୍କର ଭତା ଅନୁମୋଦନ ପରେ ଦୁଇ ମାସ ପରେ ଦିଆଗଲା କାହିଁକି ? ଏହା ଉପରେ ଆଲୋଚନା କରାଗଲା । ଯିଏ ବିଳମ୍ବ କରିଅଛନ୍ତି ତାଙ୍କ ଉପରେ ଦଣ୍ଡବିଧାନ କରାଯିବା ଆବଶ୍ୟକ । ଏହା ଉପରେ ଅତିରିକ୍ତ କମିଶନର-୨ ତଦନ୍ତ କରି ଆସନ୍ତା କର୍ପୋରେସନରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରଶ୍ନ-୨(୧୨). ୱାର୍ଡ଼ ନଂ-୬୦ ର ଖରାଖିଆ ବୈଦ୍ୟନାଥ ମନ୍ଦିର ଠାରୁ ଅମରେଶ ମିଶ୍ର ଘର ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ପାଇଁ ପ୍ରଥମେ Bid Reference No.-46 ତା ୧୧.୧୨.୨୦୨୪ ରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ମାତ୍ର ସର୍ବନିମ୍ନ ଟେଣ୍ଡରଦାତା ଉକ୍ତ କାମ ପାଇଁ କୌଣସି ଆଗ୍ରହ ପ୍ରକାଶ ନକରିବାରୁ ଟେଣ୍ଡର ରଦ୍ଦ କରାଯାଇ ପରବର୍ତ୍ତୀ ସମୟରେ Bid Reference No.-27 ତା ୨୨.୦୬.୨୦୨୫ ରିଖରେ ପୁନର୍ବାର ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏପର୍ଯ୍ୟନ୍ତ ସର୍ବନିମ୍ନ ଟେଣ୍ଡରଦାତାଙ୍କୁ କାର୍ଯ୍ୟାଦେଶ ଦିଆନଯିବାର କାରଣ କ'ଣ ? ଉକ୍ତ ରାସ୍ତାଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ଏହି କାମ ପାଇଁ କାର୍ଯ୍ୟାଦେଶ କେବେ ଦିଆଯିବ ଏବଂ କାମ କେବେ ଆରମ୍ଭ କରାଯିବ ଦୟାକରି ସ୍ପଷ୍ଟ କରିବେ କି ?

ଉତ୍ତର-୨(୧୨). ଉକ୍ତ କାର୍ଯ୍ୟ ପ୍ରଶାସନିକ ଅନୁମୋଦନ ମିଳିଲେ କାର୍ଯ୍ୟାଦେଶ ଜାରି କରାଯିବ ।

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା ୨୧.୧୧.୨୦୨୫ ରିଖ ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୨୦.୧୧.୨୦୨୫ ରିଖ ପବ୍ଲିକ୍ ହେଲଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୨୫.୧୧.୨୦୨୫ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୧୮.୧୧.୨୦୨୫ ରିଖ ପ୍ଲାନିଂ ଆଣ୍ଡ୍ ଡେ଼ଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୨୦.୧୧.୨୦୨୫ ରିଖ ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୧୮.୧୧.୨୦୨୫ ରିଖ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୨୪.୧୧.୨୦୨୫ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୧୯.୧୧.୨୦୨୫ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୨୧.୧୧.୨୦୨୫ ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦).ଗତ ତା ୨୧.୧୧.୨୦୨୫ ରିଖ ଓ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡ଼ିକ ସମ୍ପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ରୁଲ୍-୨୦୦୪ ର ନିୟମ ୦୩, ୦୪, ୦୫,୦୬, ୦୭, ୦୮,୧୦,୧୧ ଓ ୧୨ ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ଅକ୍ଟୋବର-୨୦୨୫ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ:-**

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

**ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:- (ତା ୨୬.୧୧.୨୦୨୫ ରିଖ)**

<u>ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ ନଂ-୩୧</u>

ପ୍ରସ୍ତାବ-୬(୧). ବମିଖାଲ ମୌଜା, ପ୍ଲଟ୍ ନଂ-୪୦୧,୪୦୨,୪୦୩,୩୬୯,୩୭୦,୩୭୧, ଖାତା ନଂ-୩୨୯ ସାଧାରଣ ପ୍ରଶାସନ ବିଭାଗଙ୍କ ନାମରେ ଥାଇ ଏକ ଜଳାଶୟ ଥିଲା ଯାହାକି ବମିଖାଲ ମୌଜାର ଜନସାଧାରଣ ବ୍ୟବହାରରେ ଆସୁଥିଲା । ବର୍ତ୍ତମାନ କେତେକ ବ୍ୟକ୍ତି ତାହାକୁ ପୋତି ଜବରଦଖଲ କରି ନେଇଛନ୍ତି । ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଣୁ ଉକ୍ତ ଜାଗାକୁ ଜବରଦଖଲମୁକ୍ତ କରି ସେଠାରେ ଜଳାଶୟକୁ ପୁନଃଉଦ୍ଧାର କରାଯାଉ ଯାହାକି ଆଖପାଖ ଲୋକଙ୍କର ବ୍ୟବହାର ଉପଯୋଗୀ ହୋଇପାରିବ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି:-

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୨). ବମିଖାଲ ଅଂଚଳର ମନୋରମା ଇଷ୍ଟେଟ୍ ମଧ୍ୟରେ ଗୋଟିଏ ସରକାରୀ ଜାଗା ଅଛି । ଏଠାରେ ବହୁ ଲୋକ ରହୁଛନ୍ତି କିନ୍ତୁ କୌଣସି ପାର୍କ ନାହିଁ, ତେଣୁ ଏହି ସରକାରୀ ଜାଗାରେ ଏକ ପାର୍କ ନିର୍ମାଣ କରିବା ପାଇଁ ପାଖ ଅଂଚଳର ଜନସାଧାରଣ ଦାବି କରୁଛନ୍ତି, ତେଣୁ ଏଠାରେ ଏକ ପାର୍କ ନିର୍ମାଣ କରିବା ପାଇଁ କର୍ପୋରେସନରେ ଆଲୋଚନା ଓ ନିଷ୍ପତି:-

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ଶ୍ରୀ ଚନ୍ଦ୍ରଶେଖର ମଲ୍ଲିଆ, ୱାର୍ଡ ନଂ-୬୦

ପ୍ରସ୍ତାବ-୬(୩). ମୋ ୱାର୍ଡ଼ର ପାର୍ବତୀ ନଗର ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେଲାପରେ କାର୍ଯ୍ୟ ଆରମ୍ଭ ପାଇଁ ଫଳକ ମଗାଯାଇ ସମ୍ପୃକ୍ତ ଠିକାଦାର କାମ ଆରମ୍ଭ କଲାବେଳକୁ ଶ୍ରୀ ସନ୍ତୋଷ କୁମାର ରଥ, ପ୍ରସନ୍ନ କୁମାର ରଥ, ରଞ୍ଜନ କୁମାର ରଥ, ସୂର୍ଯ୍ୟନାରାୟଣ ରଥ, ବିଦ୍ୟୁତ୍ କୁମାର ରଥ ଯେଉଁମାନେ କି ୰ ପ୍ରେମଲତା ରଥ, ପି-୰କୈଳାସ ଚନ୍ଦ୍ରଙ୍କ ଉତରାଧିକାରୀ ଦର୍ଶାଇ କାମ ବନ୍ଦ କରିଦେଇଥିଲେ । ଏ ସମ୍ପର୍କରେ ଉପ ଆୟୁକ୍ତ (ଭୂ-ବିଭାଗ) ଙ୍କର ଏକ ବିଜ୍ଞାପନ ସଂଖ୍ୟା-୩୮୨୩୯ ତା ୦୮.୦୮.୨୦୨୩ ରିଖରେ ସମ୍ବାଦପତ୍ରରେ ପ୍ରକାଶ କରାଯାଇଥିଲା ଯାହାର ଉତରରେ ସେ ଅନୁରୂପ ଭାବେ ଲିଖିତ ଆକାରରେ ତା ୧୬.୦୮.୨୦୨୩ ରିଖରେ ପ୍ରଦାନ କରି ଏହି ରାସ୍ତା ନିର୍ମାଣରେ ସେମାନଙ୍କର କୌଣସି ଅଭିଯୋଗ ନାହିଁ ମାତ୍ର ଏକାମ୍ର ଯୋଜନା ଅନୁଯାୟୀ ନିଜ ଜାଗା ପାଇଁ କ୍ଷତିପୂରଣ ଦାବି କରିଥିଲେ । ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇଥିବାରୁ ଏହାର କାମ ଆରମ୍ଭ ପୂର୍ବରୁ ଏହା ମାପଚୁପ କରି ସେମାନଙ୍କ ଦାବି ଅନୁସାରେ ଏକାମ୍ର ଯୋଜନା ଅର୍ଥରୁ କିମ୍ବା ବି.ଏମ୍.ସି ଫଣ୍ଡରୁ ସେମାନଙ୍କୁ କ୍ଷତିପୂରଣ ଦିଆଯାଇ ଏହି ଜାଗାକୁ ବି.ଏମ୍.ସି ହାତକୁ ନିଆଗଲେ ସର୍ବସାଧାରଣଙ୍କ ଯାତାୟତ ପାଇଁ ଏହି ରାସ୍ତାଟି ନିର୍ମାଣ କରାଯାଇପାରିବ ।

ନିର୍ଦ୍ଧାରଣ-୬(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ଶ୍ରୀ ଅମରେଶ ଜେନା, ୱାର୍ଡ଼ ନଂ-୪୫

ପ୍ରସ୍ତାବ-୬(୪). ଭୁବନେଶ୍ୱର ସହର ଚ଼ରିପଟେ ଶହ ଶହ ଟ୍ରକ୍ ଆବର୍ଜନା ପକାଉଛନ୍ତି ଯାହାଦ୍ୱାରା ପ୍ରଦୂଷଣ ହେଉଅଛି ଏହି ବାବଦରେ ଉକ୍ତ ବିଭାଗ ଅଧିକାରୀଙ୍କର ଦୃଷ୍ଟିଗୋଚର ହେଉନାହିଁ କି, ଯଦି ହେଉନାହିଁ ବି.ଏମ୍.ସି କମିଶନର ଉକ୍ତ ଅଧିକାରୀଙ୍କୁ ବି.ଏମ୍.ସି ହସ୍ପିଟାଲ୍‌ର Eye Department ରେ ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ଅନୁରୋଧ ।

ନିର୍ଦ୍ଧାରଣ-୬(୪). ଭୁବନେଶ୍ୱର ସହର ଚତୁଃପାର୍ଶ୍ୱ ପଂଚାୟତ ଏରିଆ ହୋଇଥିବାରୁ ଏ ବିଷୟରେ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କୁ ଅବଗତ କରାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ଭରତ କୁମାର ଲେଙ୍କା, ୱାର୍ଡ଼ ନଂ-୪୩

ପ୍ରସ୍ତାବ-୬(୫). ଆମ ୱାର୍ଡ଼ ଅନ୍ତର୍ଗତ ଚିନ୍ତାମଣିଶ୍ୱର ଅଂଚଳର ଲେନ୍-୧୦ ରେ ଥିବା ଡ୍ରେନ୍‌ଟି ୫ ନଂ ଡ୍ରେନ୍ ସାଇପନ୍ ସହ ସଂଯୋଗ ନହୋଇଥିବାରୁ ଫଳସ୍ୱରୂପ ବର୍ଷାଦିନରେ ଜଳ ନିଷ୍କାସନ ନହୋଇପାରି ଘରେ ପଶୁଅଛି । ସେଠାରେ ଥିବା ଜନସାଧାରଣଙ୍କୁ ନାହିଁନଥିବାର ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି । ଏଣୁ ମହୋଦୟା ଲେନ୍-୧୦ ଅଂଚଳର ପ୍ଲଟ୍ ନଂ-୧୫୩୬ ରୁ ପ୍ଲଟ୍ ନଂ-୧୫୩୭/୪୨୭୩ ପର୍ଯ୍ୟନ୍ତ ୩ ଫୁଟ ଚଉଡ଼ାର ୫୦ ମିଟର ଜମି ଅଧିଗ୍ରହଣ କରି ଡ୍ରେନ୍‌ଟିକୁ ପୁନଃ ଆଗକୁ ନିର୍ମାଣ କରି ୫ ନଂ ସାଇପନ୍ ଡ୍ରେନ୍ ସହ ସଂଯୋଗ କରାଗଲେ ସେଠାକାର ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରିବ ।

ନିର୍ଦ୍ଧାରଣ-୬(୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ-୭. ତା ୨୬.୧୧.୨୦୨୫ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ:-**

ପ୍ରସ୍ତାବ-୭(୧). ଭୁବନେଶ୍ୱର ମହାନଗର ନିଗମ ପି.ଏମ୍.ଜି ଛକଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାକୁ "ସ୍ୱାମୀ ଚିଦାନନ୍ଦ ମାର୍ଗ" ନାମରେ ନାମିତ କରିବା ପାଇଁ ଶ୍ରୀମତୀ ବିଷ୍ଣୁପ୍ରୀୟ ମହାନ୍ତି ଏକ ଡିଭାଇନ୍ ଲାଇଭ୍ ସୋସାଇଟ୍‌ର ସଭ୍ୟ/ସଭ୍ୟାମାନେ ଅନୁରୋଧ କରିଛନ୍ତି । ନଥି ନଂ- XI-III-88/2025 ଟିପଣୀ-୧ ଠାରୁ ୮ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ ରାସ୍ତାକୁ "ସ୍ୱାମୀ ଚିଦନନ୍ଦ ମାର୍ଗ" ନାମରେ ନାମିତ କରିବା ସଂପର୍କରେ କର୍ପୋରେସନଙ୍କ ବିଚ଼ାର :-

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨). ଭୁବନେଶ୍ୱର ମହାନଗର ନିଗମ ତରଫରୁ ବିଭିନ୍ନ ଅଧିକାରୀମାନଙ୍କ ଏକ ବୈଠକରେ ନିଷ୍ପତି ନିଆଯାଇଥିଲା କି, ୨୦୨୫-୨୬ବର୍ଷ ପାଇଁ ୫୦ ହଜାର Tree Guard (ଗଛ ବାଡ) କିଣିବା ପାଇଁ Dy. Commissioner Envioronment ତାଙ୍କ ଚିଠି ସଂଖ୍ୟା ୨୮୭୨୩ ତା ୬.୬.୨୦୨୫ ରିଖରେ ଜଣାଇଥିଲେ । ତଦନୁଯାୟୀ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ Quotation Call Noice ନଂ-୨୯୭୫୮, ତା ୧୩.୬.୨୦୨୫ ରିଖ ମାଧ୍ୟମରେ ୨୦, ୦୦୦ ଟି Tree Guard ପାଇଁ ଅଭିଜ୍ଞତା ଥିବା ବିଭିନ୍ନ ସଂସ୍ଥାମାନଙ୍କଠାରୁ ନିବିଦା ଗ୍ରହଣ କରିଥିଲେ । ଉକ୍ତ ଜଉମୁଦା ନିବିଦାଗୁଡିକ ମଧ୍ୟରୁ ମେସର୍ସ ଲୋକନାଥ ଟ୍ରେଡର୍ସ Prop.-ପ୍ରମୋଦ ଗୋୟଲ ସର୍ବନିମ୍ନ ଦରଦାତା ଯଥା-ଟ୧୪୫୦ଙ୍କାରେ (Including GST 18%) ସହିତ ଟେଣ୍ଡର କମିଟିଙ୍କ ଦ୍ୱାରା ଚୟନ ହୋଇଥିଲେ ଏବଂ Tree Guard (ଗଛ ବାଡ)ମଧ ଭୁବନେଶ୍ୱର ମହାନଗର ନିଗମକୁ ଯୋଗାଇ ଦେଇଥିଲେ ଯାହାକି ପ୍ରତି Tree Guard ପିଛା ଟ ୧୪୫୦ ଙ୍କା ହିସାବରେ ୨୦, ୦୦୦ଟି Tree Guard ପାଇଁ ଟ ୨,୯୦,୦୦,୦୦୦/-ଙ୍କା ଖର୍ଚ୍ଚ ହୋଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସଂପର୍କରେ କର୍ପୋରେସନଙ୍କ ବିଚ୍ଚର :-
ନଥି ନଂ- XXIX-II- 95/2025 ଟିପ୍ପଣୀ ପୃଷ୍ଠା- ୧୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, କେଉଁ ୱାର୍ଡ଼ରେ କେତେ ଗଛ ଓ କେତେ ଟ୍ରୀ ଗାର୍ଡ଼ ଲାଗିଅଛି ତାହାର ତଥ୍ୟ କର୍ପୋରେଟରଙ୍କୁ ଦେବାପାଇଁ ଉପ ଆୟୁକ୍ତ, ପରିବେଶଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ପ୍ରସ୍ତାବ-୭(୩). ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତ୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜଡ଼ି ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚ୍ଚର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜଡ଼ି ଅଟକଳ |
|---|---|---|---|
| 1. | Constn. of proposed mega MCC Unit-2 at Palasuni in Ward No.-05 BMC, Bhubaneswar File No.-XXIX-PW-Div.-I-2316/2022 (P-2) | Rs.3,84,67,132/- | Rs.3,95,56,705/- |
| 2. | Constn. of proposed mega MCC Unit-1 at Palasuni in Ward No.-05 BMC, Bhubaneswar File No.-XXIX-PW-Div.-I-2315/2022 (P-2) | Rs.3,90,39,483/- | Rs.3,54,75,579/- |

ନିର୍ଦ୍ଧାରଣ-୭(୩). ପ୍ରସ୍ତାବ ବର୍ଣ୍ଣିତ ଦୁଇ ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ରିଭାଇଜ୍ ଅଟକଳ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦-1(c) ତା ୧୯.୦୭.୨୦୨୫ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୪). ଭୁବନେଶ୍ୱର ମହାନଗର ନିଗମ (BMC) ବର୍ତ୍ତମାନ ପେଟ୍ରୋଲିୟମ, ତେଲ ଏବଂ ଲୁବ୍ରିକେଣ୍ଟସ୍ (POL) ଯୋଗାଣ ପାଇଁ **କେବଳ ଗୋଟିଏ ଆପୂର୍ତ୍ତିକାରୀ** ଉପରେ ନିର୍ଭର କରୁଛି ଯଥା: HPCL। ଏହି ଏକକ ନିର୍ଭରତା କାରଣରୁ ଯୋଗାଣ କ୍ଷେତ୍ରର ସୀମିତତା ଦେଖାଯାଉଛି, ଯାହା BMCର ଭାରୀ ଯାନବାହନ ଓ ଯନ୍ତ୍ରପାତିଗୁଡ଼ିକୁ ନିଷିଦ୍ଧ ଅଞ୍ଚଳରେ ଇନ୍ଧନ ଯୋଗାଇବାରେ ବଡ଼ ବାଧା ସୃଷ୍ଟି କରୁଛି। ଏହା ଏକ ପ୍ରକାରର କ୍ରିୟାତ୍ମକ ଉଦାସୀନତା (Monopoly) ସୃଷ୍ଟି କରୁଛି, ଯାହା ସଂଚାଳନା ଦକ୍ଷତା, ନମନିୟତା ଏବଂ ସେବାର ବିଶ୍ୱାସନୀୟତାକୁ ପ୍ରଭାବିତ କରୁଛି।

ଏହି ଅସୁବିଧାକୁ ଦୂର କରିବା ଏବଂ POL ଯୋଗାଣ ବ୍ୟବସ୍ଥାରେ ସ୍ୱଚ୍ଛ ପ୍ରତିସ୍ପର୍ଧା, ଅବାଧ ସେବା ଏବଂ ବ୍ୟାପକ କ୍ଷେତ୍ରରେ ସେବା ଉପଲବ୍ଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରଶାସନିକ ଅନୁମୋଦନକ୍ରମେ ଏକାଧିକ ପ୍ରତିଷ୍ଠିତ ସରକାରୀ ତୈଳ କମ୍ପାନୀଙ୍କୁ ଅନୁଲିପିଭୁକ୍ତ କରିବା ପାଇଁ BMC କାର୍ଯ୍ୟାଳୟର ସ୍ମାରକ ସଂଖ୍ୟା: **୫୩୦୫୭ ତା: ୨୫.୧୦.୨୦୨୫ , ୫୩୦୫୯ ତା: ୨୫.୧୦.୨୦୨୫** ଏବଂ **୫୩୦୬୧ ତା: ୨୫.୧୦.୨୦୨୫** ରିଖ ମାଧ୍ୟମରେ ଉପଯୁକ୍ତ ତୈଳ କମ୍ପାନୀମାନଙ୍କ ଠାରୁ Expression of Interest (EOI) ଆମନ୍ତ୍ରଣ କରାଯାଇଥିଲା ।

ଏହା ସମ୍ବନ୍ଧରେ BMC, BPCL, HPCL ଏବଂ IOCL ମଧ୍ୟରେ 04.11.2025 ତାରିଖରେ ଅତିରିକ୍ତ କମିଶନର, BMCଙ୍କ ଅଧ୍ୟକ୍ଷତାରେ ଏକ ସଂଯୁକ୍ତ ସଭା ଆୟୋଜିତ ହୋଇଥିଲା । ସଭାରେ HPCL, BPCL ଏବଂ IOCL ଦ୍ୱାରା BMC କୁ POL (Petroleum, Oil & Lubricants) ସୁବିଧା ପ୍ରଦାନ ସମ୍ବନ୍ଧରେ ଦାଖଲ ହୋଇଥିବା Expressions of Interest (EOIs) ର ସମୀକ୍ଷା ଓ ତୁଳନାତ୍ମକ ଆଲୋଚନା କରାଗଲା ।

ବିସ୍ତୃତ ଆଲୋଚନା ପରେ ନିମ୍ନଲିଖିତ ପ୍ରସ୍ତାବଗୁଡିକ ଗ୍ରହଣ କରାଗଲା:

1. IOCL କୁ ପ୍ରଥମେ ଅନବୋର୍ଡ କରାଯିବ, କାରଣ ଏହା ଦ୍ୱାରା ବର୍ତ୍ତମାନ ଯୋଗାଇ ଦିଆଯାଉଥିବା ସୁବିଧା ଗୁଡିକ ଅଧିକ ଲାଭଜନକ ଏବଂ BMC ପାଇଁ ଉନ୍ନତ POL ସମାଧାନ ପ୍ରଦାନ କରେ।
2. ଯେଉଁ ଅଞ୍ଚଳଗୁଡ଼ିକ HPCL ଦ୍ୱାରା POL ଯୋଗାଣ ସମ୍ଭବ ନୁହେଁ, ସେଠାରେ IOCL ଦ୍ୱାରା କରାଯିବ।
3. ଏହି ସହଯୋଗ dead mileage କମାଇବ, ଅଧିକ ଆଉଟଲେଟ୍ ଉପଲବ୍ଧ କରିବ ଏବଂ କାର୍ଯ୍ୟକ୍ଷମତା/ରଣନୀତିମୂଳକ ଖର୍ଚ୍ଚ ସଞ୍ଚୟ ଆଣିବ।
4. ଉଭୟ କମ୍ପାନୀ ଦ୍ୱାରା ସମସ୍ତ POL ସପ୍ଲାଇ କ୍ରେଡିଟ୍ ଆଧାରରେ କରାଯିବ।
5. OMC ତାଙ୍କର doorstep supply, MIS ସୁବିଧା, fuel reconciliation ଗୁଡ଼ିକ ନିଷ୍ଠାପୂର୍ବକ ମାନିବାକୁ ପ୍ରବନ୍ଧିତ |
6. IOCL ଦ୍ୱାରା 160 KL ବା ତାଠାରୁ ଅଧିକ POL ସପ୍ଲାଇ କଲେ 2.6% ର ସର୍ବାଧିକ incentive/discount, ଏବଂ HPCL ଦ୍ୱାରା 60 KL ବା ତାଠାରୁ ଅଧିକ ସପ୍ଲାଇ କଲେ 2.25% ର incentive/discount ଉପଲବ୍ଧ ହେବ।

ଉପରୋକ୍ତ ବିଚାରବିମର୍ଶ ଆଧାରରେ Petro Card ବ୍ୟବହାର ପ୍ରକ୍ରିୟାକୁ ସୁଚାରୁ ଭାବରେ ପରିଚାଳିତ କରିବା ପାଇଁ Standard Operating Procedure (SOP) ମଧ୍ୟ ତିଆରି କରାଯାଇଛି।

ଉପରୋକ୍ତ ବିଷୟବସ୍ତୁର ଗୁରୁତ୍ୱ ତଥା ନିର୍ଦ୍ଧାରିତ କାର୍ଯ୍ୟର ପରିସରକୁ ଦୃଷ୍ଟିରେ ରଖି, BMC ର POL ଯୋଗାଣ ପ୍ରକ୍ରିୟାରେ ବ୍ୟୟ ସଞ୍ଚୟ କରିବା ,ବିଶ୍ୱାସନୀୟତା ଓ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ନିମନ୍ତେ IOCLକୁ ଅତିରିକ୍ତ POL Partner ଭାବେ HPCL ସହିତ ସାମିଲ କରିବା ପାଇଁ କର୍ପୋରେସନ୍ ର ଅନୁମୋଦନ ନିମନ୍ତେ ବିଗ୍ରହ:- ନଥି ନଂ- XXX-VI-118/2025

ନିର୍ଦ୍ଧାରଣ-୭(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୫). ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗ ଅଧିନରେ ଥିବା ପାର୍କ ଗୁଡ଼ିକ ରକ୍ଷଣାବେକ୍ଷଣ ପାଇଁ CSR Funding ମାଧ୍ୟମରେ ବିଭିନ୍ନ ଏଜେନ୍ସି ଯଥା:-ବିଲ୍ଡ଼ର, ଡ଼େଭଲପର, ବଡ଼ ଗହଣା ଦୋକାନୀ, ବଡ଼ ହୋଟେଲ୍ ମାନଙ୍କୁ ଦେବାପାଇଁ ନିଷ୍ପତି ହୋଇଛି । ଏଥିପାଇଁ ଏକ SOP ଏବଂ modality ପ୍ରସ୍ତୁତ କରାଯାଉଛି, ଯାହାକି ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥାପନା କରାଯିବ ଏବଂ ପରବର୍ତ୍ତୀ ସମୟରେ ଏହା କର୍ପୋରେସନ ବୈଠକରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ, ତେଣୁ SOP ଏବଂ modality finalization ହେବା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା RWAs/ SHGs ମାନଙ୍କର ଚୁକ୍ତିନାମା ୩୧ ଡ଼ିସେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ କର୍ପୋରେସନଙ୍କ ବିଗ୍ରହ:-ନଥି ନଂ- XXXX-III-ENV.-46/2024 ଟିପ୍ପଣୀ ୧ ରୁ ୧୫ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । ଏଥି ସହିତ ପାର୍କ ଗୁଡ଼ିକରେ ଥିବା ଉପକରଣ ମରାମତି କରିବା ପାଇଁ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ଆଲୋଚନାରେ ଭାଗନେଇ କର୍ପୋରେଟର ଶ୍ରୀମତୀ ଯଶୋଧାରା ପ୍ରଧାନ କହିଥିଲେ ଯେ, କେତେକ ପାର୍କରେ ବିଦ୍ୟୁତ୍ ଓ ଶୌଚ୍ଚାଳୟ ବ୍ୟବସ୍ଥା ନଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହା ଉପରେ କମିଶନର କହିଥିଲେ ଯେ, ଆଂଚଳିକ ଅଧିକାରୀମାନେ ରିପୋର୍ଟ ଦେବାପରେ ଏହା ଉପରେ ପଦକ୍ଷେପ ନିଆଯିବ ।

ପ୍ରସ୍ତାବ-୭(୬). ଭୁବନେଶ୍ୱର କୁବେରପୁର, ଆଇଗିଣିଆ On Street ପାର୍କିଙ୍ଗ୍‌ର 74730 Sft. ଜାଗାକୁ ନିଲାମ କରିବା ପାଇଁ BMC.PMU Cell ଦ୍ୱାରା ଟ ୧,୫୫,୩୮,୦୮୦/-ଙ୍କା ଅଫସେଟ୍ (offset) ମୂଲ୍ୟ ଧାର୍ଯ୍ୟ କରାଯାଇଅଛି । ଏହାର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଗ୍ରହ:-ନଥି ନଂ- XXII-(L)-100/2025 ଟିପ୍ପଣୀ ପୃଷ୍ଠା-୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୭). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା RFP ସଂଖ୍ୟା-୪୦୪୯୭ ତା. ୦୧.୦୧.୨୦୨୪ ଅନୁସାରେ ଘର ମାନଙ୍କରୁ ପୃଥକ ଭାବେ ଅଳିଆ ସଂଗ୍ରହ କରିବା ଏବଂ ତା ସହିତ IEC କାର୍ଯ୍ୟ ସମ୍ପାଦନ କରିବା ପାଇଁ ୩ ଗୋଟି NGO/Agency କୁ ନିୟୋଜିତ କରାଯାଇଛି । ଯଥା:-

**୧-M/s Basix Municipal Waste Ventures Ltd.**
North Zone-1-1,2,3,4,5,6,9,10,11,12,17 & 18
North Zone-2-7,8,13,14,15,16,20,21,22,25,26 & 27
**2-M/s Vikash**
South West Zone-1-44,45,53,54,55,56,57,58,59,60,61 & 67
South West Zone-2-23,24,48,49,50,51,52,62,63,64,65 & 66
**3-M/s Feedback Foundation & Charitable Trust**
South East Zone-1-19,30,31,32,33,34,41,42 & 43
South East Zone-2-28,29,35,36,37,38,39,40,46 &47

ଏହି ଉପରୋକ୍ତ ସଂସ୍ଥା ମାନଙ୍କ ସହିତ ସମସ୍ତ ଚୁକ୍ତି ତା ୨୬.୦୬.୨୦୨୫ ରିଖରେ ନିଷ୍ପାଦିତ ହୋଇଥିଲା ଏବଂ ସମ୍ବନ୍ଧିତ କାର୍ଯ୍ୟ ପ୍ୟାକେଜ୍ ଗୁଡ଼ିକର କାର୍ଯ୍ୟ ତା ୦୧.୦୭.୨୦୨୫ ରିଖରୁ ଆରମ୍ଭ ହୋଇଛି ।

ଟେଂଡର ନିୟମାବଳୀ 3.1.2 (Table–2) ଅନୁସାରେ ପ୍ରତି ଯାନ ପାଇଁ ୧ (ଏକ) ଜଣ Helper ନିୟୋଜନ କରିବାକୁ ପ୍ରାବଧାନ ଥିଲେ ମଧ "ପୂର୍ବ ଟେଣ୍ଡରରେ ଦୁଇ (2) ଜଣ Helper ବ୍ୟବସ୍ଥା ଥିବା ଫଳରେ, ନୂତନ ଏଜେନ୍ସୀମାନେ କାର୍ଯ୍ୟ ଆରମ୍ଭ କାଳରେ କିଛି ପରିଚାଳନାଗତ ଅସୁବିଧା ଉପଲବ୍ଧ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଯାନବାହନ ପାଇଁ ଏକ (01) ଜଣ ଅତିରିକ୍ତ Helper ନିଯୁକ୍ତି ଅସ୍ଥାୟୀ ବ୍ୟବସ୍ଥା ରୂପେ 3 (ତିନି) ମାସ ପାଇଁ (01.07.2025 ରୁ 30.09.2025 ପର୍ଯ୍ୟନ୍ତ) ଗତ ତା ୧୦.୦୯.୨୦୨୫ ରିଖ ନିର୍ଦ୍ଧାରଣ ସଂଖ୍ୟା-୭(୧୭) ରେ ସର୍ବ ସମ୍ମତିକ୍ରମେ ଅନୁମୋଦନ ହୋଇଥିଲା ଏବଂ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ୩ ଗୋଟି ଏନ୍.ଜି.ଓ/ ଏଜେନ୍ସି ଦ୍ୱାରା ପ୍ରତି ଯାନ ପାଇଁ ୧(ଏକ) ଜଣ ହେଲ୍‌ପର୍ ନିୟୋଜନ କରିବାର ବ୍ୟବସ୍ଥା ଟେଣ୍ଡରରେ ଥିଲେ ମଧ ଭୁବନେଶ୍ୱର ମହାନଗର ନିଗମର ପରିସର ବୃଦ୍ଧି, ଇଡ୍‌କୋ ଏରିଆର ସଫେଇ ଓ ପରିମଳ ବ୍ୟବସ୍ଥାର ଦାୟିତ୍ୱ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ, ନିଗମାଂଚଳରେ ଥିବା ବହୁତଳ ପ୍ରାସାଦ ଏରିଆ, ଜନଗହଳି ଅଂଚଳରୁ ଠିକ୍ ସମୟରେ ଅଳିଆ ସଂଗ୍ରହ, ଅଫିସ୍ ସମୟ ପୂର୍ବରୁ ଅଳିଆ ସଂଗ୍ରହ ଓ ଅନ୍ୟାନ୍ୟ ଏରିଆ ଗୁଡ଼ିକୁ ସଫେଇ କାର୍ଯ୍ୟ କରିବାକୁ ପଡୁଅଛି । ବିଗତ ବ୍ୟବସ୍ଥାରେ M/s Feedback Foundation & Charitable Trust ଦ୍ୱାରା ଚଳିତ ୧୧ ଗୋଟି ୱାର୍ଡ଼ ଯଥା:-୫୫,୧୬,୨୦,୨୧,୨୬,୭,୧୩,୫୪,୬୦,୬୧ ଓ ୬୭ କୁ ଛାଡ଼ି ଅନ୍ୟ ସମସ୍ତ ୱାର୍ଡ଼ରେ ଦୁଇ ଜଣ ଲେଖାଏଁ ହେଲ୍‌ପର୍ ପ୍ରତି ସଫେଇ ଗାଡ଼ିରେ କାର୍ଯ୍ୟ କରୁଥିଲେ ଯାହା ଫଳରେ ଜଣଙ୍କର ଦେହ ଅସୁସ୍ଥ କିମ୍ବା କୌଣସି କାରଣବଶତଃ ଛୁଟିରେ ରହିଲେ ସେ ଏରିଆରେ ଅଳିଆ ସଂଗ୍ରହ କରାଯାଇପାରୁଥିଲା, ତେଣୁ ପୂର୍ବ ବ୍ୟବସ୍ଥା ଭଳି ଗୋଟିଏ ସଫେଇ ଗାଡ଼ିରେ ଦୁଇ ଜଣ ଲେଖାଏଁ ହେଲ୍‌ପର୍ ବ୍ୟବସ୍ଥା କରିବା ପାଇଁ ଲିଗାଲ୍ ରିଟେନରଙ୍କ ଠାରୁ ମତାମତ ଅଣାଯାଇ ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ଙ୍କ ମତାମତ ସହିତ ପୁନଃବାର କର୍ପୋରେସନରେ ଉପସ୍ଥାପନା କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହୋଇଥିଲା । ତଦନୁଯାୟୀ ବିଧି ଉପଦେଷ୍ଟା ନିମ୍ନମତେ ମତାମତ ଦେଇଛନ୍ତି ।

୧-ଏଜେନ୍ସି/ଏନ୍.ଜି.ଓ ଙ୍କ ଅନୁରୋଧକୁ ନିଗମ ଦ୍ୱାରା ତା ୧୦.୦୯.୨୦୨୫ ରିଖ ଅନୁଯାୟୀ ବିଚାର କରାଯାଇଛି ଏବଂ ବୃହତର ଜନସ୍ୱାର୍ଥ ପାଇଁ ଉପରୋକ୍ତ ଫାଇଲର 42/N ରେ ଉଲ୍ଲିଖିତ ସର୍ତ ଅନୁଯାୟୀ ଦକ୍ଷ ଏବଂ ନିରବଚ୍ଛିନ୍ନ ସେବା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ପ୍ରତି ଯାନ ପାଇଁ ଅସ୍ଥାୟୀ ଭାବରେ ଜଣେ ଅତିରିକ୍ତ ସହାୟକଙ୍କୁ ପୃଥକୀକରଣ ପୌର କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ନିଯୁକ୍ତି ଦିଆଯାଇପାରିବ ।

୨-ଏହି ପରିବର୍ତନକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏଜେନ୍ସି/ଏନ୍.ଜି.ଓ ଗୁଡ଼ିକ ସହିତ ଏକ ଅତିରିକ୍ତ/ ପରିପୂରକ ଚୁକ୍ତିନାମା କାର୍ଯ୍ୟକାରୀ କରିବାରେ କୌଣସି ଆଇନ୍‌ଗତ ପ୍ରତିବନ୍ଧକ ନାହିଁ, ଯଦି ଏହା ପକ୍ଷମାନଙ୍କ ସ୍ପଷ୍ଟ ସମ୍ମତି ଏବଂ ସକ୍ଷମ ଅଧିକାରୀଙ୍କ ମଞ୍ଜୁରୀ ସହିତ ଲିଖିତ ଭାବରେ କାର୍ଯ୍ୟକାରୀ କରାଯାଏ ।

୩-ଏହି ପରିପୂରକ ଚୁକ୍ତିନାମା ଆଇନ୍ ଅନୁଯାୟୀ ମୂଳ ଚୁକ୍ତିନାମାର ଏକ ବୈଧ ପରିବର୍ତନ ଭାବେ କାର୍ଯ୍ୟ କରିବା । ଏଥିରେ ଅତିରିକ୍ତ ସହାୟକଙ୍କୁ ଦିଆଯାଉଥିବା ବେତନ ଓ ସୁବିଧା କେବଳ ସୀମିତ ଖର୍ଚ୍ଚ ଭିତିରେ ହେବ ଏବଂ ପୂର୍ବରୁ ଦିଆଯାଇଥିବା ୩.୮୫% ଓଭରହେଡ୍/ ପ୍ରଶାସନିକ ଖର୍ଚ୍ଚ ଛାଡ଼ି କୌଣସି ଅତିରିକ୍ତ ଖର୍ଚ୍ଚ ଲାଗିବ ନାହିଁ ।

୪-ଗୋଟିଏ (୧) ହେଲ୍‌ପର୍ ବଦଳରେ ଦୁଇ (୨) ହେଲ୍‌ପର୍ ସିଷ୍ଟମକୁ ଅବ୍ୟାହତ ରଖିବାକୁ ଅସ୍ଥାୟୀ ଆବଶ୍ୟକତା ଭିତିରେ କରାଯିବ, କିନ୍ତୁ ଏହା (୧) ଯୋଗ୍ୟ କ୍ଷମତାଶୀଳ କର୍ତ୍ତୃପକ୍ଷଙ୍କ ଅନୁମୋଦନ (୨) ବଜେଟ୍ ଉପଲବ୍ଧତା ଏବଂ ଆର୍ଥିକ ସମ୍ମତି (୩) ପ୍ରତ୍ୟେକ ଏଜେନ୍ସି ସହିତ ଲିଖିତ ସହାୟକ ଚୁକ୍ତି (Supplementary agreement) କାର୍ଯ୍ୟକରଣ ଏବଂ (୪) ସ୍ପଷ୍ଟ ସର୍ତ ଯେ, ଅତିରିକ୍ତ ୧ ହେଲ୍‌ପରଙ୍କ ପାଇଁ Under Semi-skilled category as per Minimum Wages Notification, Govt. of ଓଡ଼ିଶା ଅନୁଯାୟୀ ଏଜେନ୍ସି/ଏନ୍.ଜି.ଓ ମାନେ ପ୍ରଦାନ କରିବେ ଏବଂ ତା'ପରେ କୌଣସି ଅତିରିକ୍ତ ଓଭରହେଡ୍ ଚାର୍ଜ i.e ୩.୮୫% ସାମିଲ୍ ହେବନାହିଁ ।

୫-କର୍ପୋରେସନ ନିଜସ୍ୱ ଇଚ୍ଛାରେ ଓ କାର୍ଯ୍ୟକ୍ଷମତା ପୁନଃବିଚାର କରି କେବେ ବି ପୁନଃ ଏକ ହେଲ୍‌ପର୍ ସିଷ୍ଟମ୍‌କୁ ଫେରିଆସିପାରେ ଏବଂ ପ୍ରତ୍ୟେକ ଏଜେନ୍ସି ଏହାକୁ ବାଧ୍ୟକାରକ ଭାବେ ମାନିବାକୁ ପଡ଼ିବ ଏବଂ କୌଣସି ଆପତି/ ବିରୋଧ ଦେଖାଇବାର ଅଧିକାର ନାହିଁ । ଏହାକୁ ଭିତିକରି ଭୁବନେଶ୍ୱର ମହାନଗର ନିଗମ ଓ ଏଜେନ୍ସି/ଏନ୍.ଜି.ଓ ଙ୍କ ମିଳିତ ବୁଝାମଣାରେ Supplementary/ Additional ଚୁକ୍ତି କାର୍ଯ୍ୟାନୁଷ୍ଠିତ ହେବାପରେ ଅତିରିକ୍ତ ୧ ଜଣ ହେଲ୍‌ପର୍ ସିଷ୍ଟମ୍‌କୁ ଲାଗୁ କରାଯାଇପାରିବ ।

ଏହି ପ୍ରସ୍ତାବଟିକୁ କର୍ପୋରେସନଙ୍କ ନିଷ୍ପତି ଓ ଲିଗାଲ୍ ରିଟେନର୍ ଙ୍କ observation କୁ ଆଧାର କରି

୧-ପୂର୍ବ ପ୍ରଚଳିତ ୧୧ ଗୋଟି ୱାର୍ଡ଼ ଯଥା-(୫୫,୧୬,୨୦,୨୧,୨୬,୭,୧୩,୫୪,୬୦,୬୧ ଓ ୬୭) କୁ ବାଦ୍ ଦେଇ ଅନ୍ୟ ୫୬ ଗୋଟି ୱାର୍ଡ଼ରେ ୧ ଗୋଟି (୧+୧) ଅତିରିକ୍ତ ହେଲ୍‌ପର୍ ରହିବେ ଯାହାର ନିୟୋଜନ ତା ୦୧.୧୦.୨୦୨୫ ରିଖରୁ ତା ୩୦.୦୬.୨୦୨୬ ରିଖ ପର୍ଯ୍ୟନ୍ତ ଲାଗୁ ରହିବ ଏବଂ ଏକ ବର୍ଷ ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅଧକ୍ଷତାରେ review କରାଯିବ ।

୨- M/s Basix Municipal Waste Ventures Ltd. ଅଧିନରେ ଥିବା North Zone Package-1 & 2 ରେ ମୋଟ ୨୪ ଟି ୱାର୍ଡ଼ ଅଛି । ଏଥି ମଧ୍ୟରୁ ୱାର୍ଡ଼ ନଂ-୭,୧୩,୧୬,୨୦,୨୧ ଓ ୨୬ (ମୋଟ ୬ ଗୋଟି ୱାର୍ଡ଼) ୧ ଜଣ ହେଲ୍‌ପର୍ ସହ କାର୍ଯ୍ୟ କରାଯିବ ଓ ଅବଶିଷ୍ଟ ୧୮ ଟି ୱାର୍ଡ଼ରେ ପ୍ରତି ଯାନକୁ ୨ ଜଣ ହେଲ୍‌ପର୍ ମାଧମରେ କାର୍ଯ୍ୟ ସମ୍ପାଦନ କରାଯିବ ।

୩-M/s Vikash ଅଧିନରେ ଥିବା South West Zone Package-1 & 2 ରେ ମୋଟ ୨୪ ଟି ୱାର୍ଡ଼ ଅଛି । ଏଥି ମଧ୍ୟରୁ ୱାର୍ଡ଼ ନଂ-୫୪,୫୫,୬୦,୬୧ ଓ ୬୭ (ମୋଟ ୫ ଗୋଟି ୱାର୍ଡ଼) ୧ ଜଣ ହେଲ୍‌ପର୍ ସହ କାର୍ଯ୍ୟ କରାଯିବ ଓ ଅବଶିଷ୍ଟ ୧୯ ଟି ୱାର୍ଡ଼ରେ ପ୍ରତି ଯାନକୁ ୨ ଜଣ ହେଲ୍‌ପର୍ ମାଧମରେ କାର୍ଯ୍ୟ ସମ୍ପାଦନ କରାଯିବ ।

୪-ଏହି ଏକ ଜଣ ହେଲ୍‌ପର୍ ପାଇଁ Under Semi-skilled category as per Minimum Wages Notification, Govt. of ଓଡ଼ିଶା ଅନୁଯାୟୀ ଏଜେନ୍ସି/ଏନ୍.ଜି.ଓ ମାନେ ପ୍ରଦାନ କରିବେ ଏବଂ ଏଥିରେ ୩.୮୫% ଓଭରହେଡ୍ ଚାର୍ଜ ସାମିଲ୍ ହେବନାହିଁ ଏବଂ ଏହି ଚୁକ୍ତିକୁ ଆଖି ଆଗରେ ରଖି ଭୁବନେଶ୍ୱର ମହାନଗର ନିଗମ କୌଣସି ସମୟରେ ୧ ହେଲ୍‌ପର୍ ନିଯୁକ୍ତି ପରିସ୍ଥିତି ଅନୁସାରେ କମେଇପାରେ ଏବଂ ଛଟେଇ କରିପାରେ ।

୫-ଭୁବନେଶ୍ୱର ମହାନଗର ନିଗମ ଓ ଏନ୍.ଜି.ଓ / ଏଜେନ୍ସି ଙ୍କ ସହିତ Supplementary/ Additional ଚୁକ୍ତି କାର୍ଯ୍ୟାନୁଷ୍ଠିତ ହେବାପରେ ଅତିରିକ୍ତ ୧ ହେଲ୍‌ପର୍ ସିଷ୍ଟମ୍‌କୁ ଲାଗୁ କରାଯିବା ଏବଂ ଉକ୍ତ ଖର୍ଚ୍ଚକୁ ଭୁବନେଶ୍ୱର ମହାନଗର ନିଗମ ସମ୍ବଳରୁ ବହନ କରାଯିବ ।

ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ କର୍ପୋରେସନଙ୍କ ବିଚାର :-

ନଥି ନଂ- XXXXX-II-SWMPMU-132/2023 (Pt.-III)

ନିର୍ଦ୍ଧାରଣ-୭(୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୮). ଭୁବନେଶ୍ୱର ମହାନଗର ନିଗମର ପ୍ରତି ୱାର୍ଡ଼ରେ ପରିମଳ କାର୍ଯ୍ୟର ତଦାରଖ ଏବଂ ସୁପରିଚାଳନା ପାଇଁ ଆଉଟ୍‌ସୋର୍ସିଂ ମାଧ୍ୟମରେ AIILSG ଦ୍ୱାରା ସ୍ୱାକ୍ଷରିତ ହୋଇଥିବା MOU ତା ୧୯.୦୧.୨୦୨୧ ରିଖ ଏବଂ Renewal MOU ତା ୧୨.୧୨.୨୦୨୪ ରିଖ ଜରିଆରେ ୬୬ ଜଣ ପରିମଳ ନିରୀକ୍ଷକ ନିୟୋଜିତ ହୋଇଛନ୍ତି । ଏହି ୬୬ ଜଣ ପରିମଳ ନିରୀକ୍ଷକଙ୍କର କାର୍ଯ୍ୟକାଳ ଅବଧି ଗତ ତା ୧୦.୧୦.୨୦୨୫ ରିଖରେ ସମାପ୍ତ ହୋଇଯାଇଅଛି । ଏହି ସମସ୍ତ ଆଉଟ୍‌ସୋର୍ସିଂରେ ନିଯୁକ୍ତି ହୋଇଥିବା ପରିମଳ ନିରୀକ୍ଷକଙ୍କ କାର୍ଯ୍ୟଦକ୍ଷତା ନିରୀକ୍ଷଣ କରି କେବଳ ଦକ୍ଷ ପରିମଳ ନିରୀକ୍ଷକଙ୍କ କାର୍ଯ୍ୟ ଅବଧିକୁ ଏକ ବର୍ଷ ଯଥା-ତା ୧୧.୧୦.୨୦୨୫ ରିଖରୁ ତା ୧୦.୧୦.୨୦୨୬ ରିଖ ପର୍ଯ୍ୟନ୍ତ AIILSG ଦ୍ୱାରା 3.85% Administrative Charges ରେ ବୃଦ୍ଧି କରିବା ଏବଂ ପରିମଳ ନିରୀକ୍ଷକଙ୍କ

କାର୍ଯ୍ୟ ଏକ କମିଟି ଗଠନ କରାଯାଇ ନିଷ୍ପତି କରାଯିବା ପାଇଁ କର୍ପୋରେସନର ଅନୁମୋଦନ କ୍ରମେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଓଡ଼ିଶା ସରକାରଙ୍କୁ ପ୍ରେରଣ ପାଇଁ କର୍ପୋରେସନଙ୍କ ବିଚାର:- ନଥି ନଂ- XXXXX-II-SBAC-28/2023

ନିର୍ଦ୍ଧାରଣ-୭(୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୯). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ Package-III ଅଧୀନରେ ଥିବା ପ୍ରାଥମିକ ପ୍ରମୁଖ ରୋଡ ନେଟୱର୍କ ର ଯାନ୍ତ୍ରିକ ପ୍ରଣାଳୀ ମାଧ୍ୟମରେ ସଫେଇ କାର୍ଯ୍ୟ ସମ୍ବନ୍ଧରେ I

**A.** ବିଗତ ଦିନରେ mechanical sweeping ମାଧ୍ୟମରେ ସହରର ମୁଖ୍ୟ ରାସ୍ତା ଗୁଡିକର wall to wall cleaning ପାଇଁ ତିନିଗୋଟି ପ୍ୟାକେଜ ଆହ୍ୱାନ କରାଯାଇଥିଲା I ଯାହାକି ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ପତ୍ର ସଂଖ୍ୟା 26241 ତାରିଖ 07.12.2024 ଦ୍ୱାରା ଆବଶ୍ୟକ ପ୍ରଶାସନିକ ଅନୁମୋଦନ ପ୍ରାପ୍ତ କରିଥିଲା I ସେଥିମଧ୍ୟରୁ ଦୁଇଗୋଟି ପ୍ୟାକେଜ ଯଥା ପ୍ୟାକେଜ–I M/S Lion Services L1 Bidder ଭାବେ ଚୟନ ହୋଇଥିଲା ଏବଂ ପ୍ୟାକେଜ-II M /S Jagruti Welfare Organisation L1 Bidder ଭାବେ ଚୟନ ହୋଇଥିଲା I

**B.** ଉକ୍ତ ଦୁଇଟି ସଂସ୍ଥାଙ୍କ ଦ୍ୱାରା ନୂତନ Package-I ଏବଂ Package-II ଅଧୀନରେ ସହରର ମୁଖ୍ୟ ରାସ୍ତାଗୁଡିକର ସେବା 01.12.2025 ରୁ କାର୍ଯ୍ୟାରମ୍ଭ କରିବା ପାଇଁ ଆଦେଶ ଜାରି କରାଯାଇଛି। ଏହା ପର୍ବରୁ, ମାନନୀୟା ମେୟରଙ୍କ ନିର୍ଦ୍ଦେଶାନୁସାରେ ପୁରାତନ Package-I (Work Order No. 14420 dated 19.03.2025) ଏବଂ Package-II (Work Order No. 14423 dated 19.03.2025) ର ଚୁକ୍ତିକାଳକୁ 01.03.2025 ରୁ 30.09.2025 ପର୍ଯ୍ୟନ୍ତ ବୃଦ୍ଧିତ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ, ଉକ୍ତ ପୁରାତନ ପ୍ୟାକେଜ୍‌ଗୁଡିକୁ ଆହୁରି ୨ (ଦୁଇ) ମାସ ଯାହାକି 01.10.2025 ରୁ 30.11.2025 i.e Package-I (Vide Letter No. 49162 dated 03.10.2025) ଏବଂ Package-II (Vide Letter No. 49159 dated 03.10.2025) ଦ୍ୱାରା ଚୁକ୍ତିନାମା ସମ୍ପ୍ରସାରଣ କରାଯାଇଛି।

**C.** ପ୍ୟାକେଜ -III ଟେଂଡର ରେ କୌଣସି bidder qualify ହୋଇପାରିଲେ ନାହିଁ I ଏହି ଟେଂଡର ରେ ଏହା ନିୟମ ବଳି ଅନୁଯାୟୀ ଗୋଟିଏ ପ୍ୟାକେଜ ରେ ଗୋଟିଏ Agency ହିଁ କାର୍ଯ୍ୟ କରିପାରିବେ I ଏହାକୁ ଭିତିକରି ପ୍ୟାକେଜ-III ଟେଂଡର ଟିକୁ ପୁଣି ଥରେ vide tender ref No: DC (Sanitation)/ 38780 ତା. 05.08.2025 ରିଖରେ ଆହ୍ୱାନ କରାଯାଇଥିଲା. ଏବଂ ଏହି ଟେଂଡରରେ ଗୋଟିଏ bidder ଅଂଶଗ୍ରହଣ କରିଥିବାରୁ ଟେଂଡର ନିୟମାବଳୀ ଅନୁଯାୟୀ ଏହି ଟେଂଡର ଟିକୁ office order 52028 dated 18.10.2025 ବାତିଲ କରାଯାଇଥିଲା I ପରବର୍ତ୍ତୀ ସମୟରେ, Corporation ତା. 31.10.2025 ର ପ୍ରସ୍ତାବ ନଂ– 7(10) ଦ୍ୱାରା ଅନୁମୋଦିତ ହେବା ପରେ, ଉକ୍ତ ପ୍ୟାକେଜଟିକୁ ନୂତନ ଟେକ୍ନୋଲୋଜି (Fully Mechanised ପଦ୍ଧତି) ମାଧ୍ୟମରେ ଆହ୍ୱାନ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ପାଖକୁ ପ୍ରଶାସନିକ ଅନୁମୋଦନ ପାଇଁ ପଠାଯାଇଛି। I

ବର୍ତ୍ତମାନ ପ୍ୟାକେଜ-III ର ନୂତନ ପ୍ରମୁଖ ରୋଡ ଗୁଡିକ ପୁରାତନ ଟେଂଡର ପ୍ୟାକେଜ-II ର ଅଧୀନରେ ଥିବା M/S Jagruti Welfare Organization ଦ୍ୱାରା ପରିଚାଳିତ ହେଉଅଛି I ଏବଂ ନୂଆ ଏଜେନସି ଆସିବା ପାଇଁ 4 ମାସର ସମୟ ସୀମାର ଆବଶ୍ୟକତା ରହିଛି ଓ ଯଦି 4 ମାସ ପୂର୍ବରୁ ଟେଂଡର ପ୍ରକ୍ରିୟାରେ କୌଣସି ସଂସ୍ଥା onboarding ହୋଇଯିବ ତେବେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସେହି ଏଜେନସି କୁ କାର୍ଯ୍ୟ କରିବା ପାଇଁ ଅନୁମୋଦନ ଦିଆଯାଇପାରିବ I

ଏହି ଉପରିଲିଖିତ ପ୍ରସ୍ତାବଟିକୁ ମାନନୀୟା ମେୟରଙ୍କ ଆଦେଶକ୍ରମେ କର୍ପୋରେସନଙ୍କ ଅନୁମୋଦନ ପାଇଁ ଉପସ୍ଥାପିତ କରାଯାଉଅଛି ଯାହା କି ନିମ୍ନବତ ଅଟେ:-

1. M/s Lion Services କୁ ପ୍ୟାକେଜ-I ପାଇଁ ବାର୍ଷିକ ପରିଚାଳନା ବ୍ୟୟ ଟ.11,52,94,532/- ସହ Commercial Operation ତା. 01.12.2025 ଠାରୁ ନୂତନ ଟେଂଡର ମାଧ୍ୟମରେ କାର୍ଯ୍ୟ ପରିଚାଳନା କରିବ I

2. M/S Jagruti Welfare Organization କୁ ପ୍ୟାକେଜ-II ପାଇଁ ବାର୍ଷିକ ପରିଚାଳନା ବ୍ୟୟ ଟ.12,16,18,445/- ସହ Commercial Operation ତା. 01.12.2025 ଠାରୁ ନୂତନ ଟେଂଡର ମାଧ୍ୟମରେ କାର୍ଯ୍ୟ ପରିଚାଳନା କରିବ I

3. ପୁରାତନ Package-I (Work Order No. 14420 dated 19.03.2025) ଏବଂ Package-II (Work Order No. 14423 dated 19.03.2025) ର ଚୁକ୍ତିକାଳକୁ 01.03.2025 ରୁ 30.09.2025 ପର୍ଯ୍ୟନ୍ତ ବୃଦ୍ଧି । ପରବର୍ତ୍ତୀ କାଳରେ ଆହୁରି ୨ (ଦୁଇ) ମାସ ଚୁକ୍ତିନାମା ବୃଦ୍ଧି ଯାହାକି 01.10.2025 ରୁ 30.11.2025 i.e Package-I (Vide Letter No. 49162 dated 03.10.2025) ଏବଂ Package-II (Vide Letter No. 49159 dated 03.10.2025) ।

4. ପ୍ୟାକେଜ-III ପାଇଁ 4 ମାସର ବିସ୍ତାରଣ ତା-01.12.2025 ଠାରୁ 31.03.2026 ପର୍ଯ୍ୟନ୍ତ M/S Jagruti Welfare Organization ଦ୍ୱାରା ସମ୍ପାଦନ କରିବା କିମ୍ବା ନୂତନ ଟେଂଡର କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ପରିଚାଳନା କରିବ ଯାହା ପ୍ରଥମେ ହେବ। ଏହି ବିସ୍ତାରଣ ଟେଂଡର scope/ ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟକାରୀ ହେବ ଯାହା କି ନିମ୍ନବତ ଅଟେ :-

- Mechanical Sweeping – Rs. 455.94 per Lane KM (As per existing tender)
- Manual Sweeping – Rs. 23,100.79 per labour per month (As per existing tender)
- Road Km Coverage – 32.562 KM
- Lane Km Coverage – 108.748 Lane KM

ନଥି ନଂ- XXXXX-II-SWMPMU-143/2024

ନିର୍ଦ୍ଧାରଣ-୭(୯). ଏ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୧୦). ଭୁବନେଶ୍ୱର ମହାନଗର ନିଗମ ଯାନ୍ତ୍ରିକ ଓ ବୈଜ୍ଞାନିକ ପଦ୍ଧତିରେ ନିୟମିତ ଭାବରେ ଓଦା ଓ ଶୁଖିଲା ଅଳିଆ ସଂଗ୍ରହ କରି ପରିଚାଳନା କରୁଛି । ଏହି ପରିପେକ୍ଷୀରେ, ମାନନୀୟା ମେୟରଙ୍କ ନେତୃତ୍ୱରେ ଅତିରିକ୍ତ କମିଶନର, ଉପ ଆୟୁକ୍ତ (ପରିମଳ), ଷ୍ଟାଣ୍ଡିଂ କମିଟି ଚେୟାରପର୍ସନ, କର୍ପୋରେଟର ମାନେ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ଏକ ଦଳ ବାରାଣସୀ ରେ ଅବସ୍ଥିତ Waste-to-Charcoal Processing Plant କୁ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏହି ପ୍ଲାଣ୍ଟଟିର ଟେକ୍ନୋଲୋଜି, Processing Facility, Environmental visibility, ତଥା ପ୍ରକଳ୍ପର Financial viability କୁ ନିକଟରୁ ଅଧ୍ୟୟନ କରିବା। ପ୍ଲାଣ୍ଟ ଭିଜିଟ୍ ପରେ ସମୂହର ସମସ୍ତ ସଦସ୍ୟମାନେ ଉକ୍ତ ଟେକ୍ନୋଲୋଜି ପ୍ରତି ସନ୍ତୁଷ୍ଟି ପ୍ରକାଶ କରିଥିଲେ। ଏହାକୁ ଭିତ୍ତିକରି ଉକ୍ତ ଟେକ୍ନୋଲୋଜିଟି ଭୁବନେଶ୍ୱର ମହାନଗର ନିଗମ ପାଇଁ ନୂତନ ହୋଇଥିବାରୁ ପ୍ରଥମେ ପାଇଲଟ୍ ଭାବେ ପ୍ରକଳ୍ପଟି କିପରି କାମ କରିବ, ଏହାର ଟେକ୍ନୋଲୋଜି କେତେ ସୁସ୍ଥିର ଓ ବ୍ୟବହାରଯୋଗ୍ୟ, ଏବଂ ଆଗ୍ରହୀ ଏଜେନ୍ସିମାନଙ୍କର ଦକ୍ଷତା ବିଷୟରେ ଜାଣିବା ପାଇଁ Expression of Interest (EOI) ପ୍ରକାଶ କରିବା ଉଚିତ ବୋଲି ସ୍ଥିର କରାଯାଇଛି। EOI ଦ୍ୱାରା ସମ୍ଭାବ୍ୟ ଆଗ୍ରହୀ ଏଜେନ୍ସିମାନଙ୍କ ପକ୍ଷରୁ ପ୍ରସ୍ତାବିତ ଟେକ୍ନୋଲୋଜି, processing facility ବିଷୟରେ ନିଗମ ଦ୍ୱାରା ମୂଲ୍ୟାଙ୍କନ କରିବା ସୁବିଧା ହେବ। ଉପରୋକ୍ତ ପ୍ରସ୍ତାବଟିକୁ 20.11.2025 ରେ ଅନୁଷ୍ଠିତ Health & Sanitation Standing Committee ଦ୍ୱାରା ଅନୁମୋଦନ କରାଯାଇଥିବାରୁ, ବର୍ତ୍ତମାନ ମାନନୀୟା ମେୟରଙ୍କ ଆଦେଶକ୍ରମେ ଏହା ଉପରେ କର୍ପୋରେସନଙ୍କ ବିଚାର:- ନଥି ସଂଖ୍ୟା– XXXXX-II-SWMPMU-178/2025 ଟିପ୍ପଣୀ ପୃଷ୍ଠା ସଂଖ୍ୟା-1/N ରୁ 6/N ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୦). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୧). ଭୁବନେଶ୍ୱର ମହାନଗର ନିଗମର ଓକିଲ ମାନଙ୍କ ନାମ ତାଲିକାରେ ସୂଚୀଭୁକ୍ତ ହେବାପାଇଁ ନିମ୍ନଲିଖିତ ଓକିଲମାନେ ସେମାନଙ୍କର ଆବେଦନ ପତ୍ର ଦାଖଲ କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ ବିରୁଦ୍ଧରେ ବିଭିନ୍ନ ଅଦାଲତରେ କେଶ୍ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାର ପରିଚାଳନା ପାଇଁ ସେମାନଙ୍କର ଦରଖାସ୍ତ ଗୁଡ଼ିକ ବିଚାରକୁ ନେଇ ସେମାନଙ୍କୁ ଭୁବନେଶ୍ୱର ମହାନଗର ନିଗମରେ ଓକିଲ ତାଲିକାରେ ସୂଚୀଭୁକ୍ତ କରାଯିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-ନଥି ନଂ-BMC-Legal-misc.-0001/2025

୧-Adisha Mohanty, Advocate, Orissa High Court, Cuttack

୨-Sai Suman, Advocate, Orissa High Court, Cuttack and other forums

ନିର୍ଦ୍ଧାରଣ-୭(୧୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୨). Hon'ble NGT ଏବଂ H&UD Deptt. Government of Odisha ଙ୍କର Decentralized Solid Waste Management SOP No.-13408 ତା ୩୦.୦୭.୨୦୧୯ ରିଖ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ ପର୍ଯ୍ୟାୟକ୍ରମେ ବିଭିନ୍ନ ପଦକ୍ଷେପ ନେଉଅଛି, ଯଥା-୩୭ ଗୋଟି ଏମ୍.ସି.ସି, ୨୨ ଗୋଟି MRF, Windows Composting, Bio Minning Project, Mega MRF, Coconut Processing Plant, Flower Processing Plant ଇତ୍ୟାଦି କାର୍ଯ୍ୟକ୍ଷମ କରୁଅଛି । ତତ୍‌ସହିତ ଏକ ସୁଦୃଢ଼ Integrated Solid Waste Management ecosystem ଅନ୍ତର୍ଗତ Bio Methanation Plant, Waste to Energy Plant, Bio Mass briquettes, Waste transfer stations କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେଉଅଛି । ଏହି ପରିପ୍ରେକ୍ଷୀରେ ଅନ୍ୟ ରାଜ୍ୟ (ଗୁଜୁରାଟ ଏବଂ ରାଜସ୍ଥାନ) ମାନଙ୍କରେ ଥିବା ବିଭିନ୍ନ ULB ମାନଙ୍କର ବର୍ଜ୍ୟବସ୍ତୁ ସୁପରିଚାଳନା ପାଇଁ ନିଆଯାଉଥିବା Best practices ମାନଙ୍କୁ ଅଧ୍ୟୟନ ଏବଂ ଶିକ୍ଷା କରିବାର ଆବଶ୍ୟକତା ରହିଅଛି, ଏଣୁ ମାନନୀୟା ମେୟର, ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟି ଚେୟାର୍‌ପରସନ୍‌ସ ଏବଂ ସମସ୍ତ କର୍ପୋରେଟର, officials ମାନଙ୍କର ଉକ୍ତ ରାଜ୍ୟର ବିଭିନ୍ନ ନଗରକୁ Exposure visit ସରକାରଙ୍କ ଦ୍ୱାରା ଭୁବନେଶ୍ୱର ମହାନଗର ନିଗମକୁ ମିଳିଥିବା ପୁରସ୍କୃତ ଅର୍ଥରେ OTDC ଜରିଆରେ ଯିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ- XXXXX-II-SBAC-76/2023

ନିର୍ଦ୍ଧାରଣ-୭(୧୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୩). ଭୁବନେଶ୍ୱର ମହାନଗର ନିଗମ (ବି.ଏମ୍.ସି) ବର୍ତ୍ତମାନ ନାଗରିକ ମାନଙ୍କ ପାଇଁ SAFA ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ସବୁଜ ବର୍ଜ୍ୟବସ୍ତୁ ଏବଂ ନିର୍ମାଣ ଏବଂ ଭଙ୍ଗା (C&D) ବର୍ଜ୍ୟବସ୍ତୁର ସୁଗମ ପରିଚାଳନା ପାଇଁ ଉଠାଣ ଏବଂ ପରିବହନ ସେବା ପ୍ରଦାନ କରୁଅଛି । ସେବାକୁ ଆହୁରି ସୁବ୍ୟବସ୍ଥିତ କରିବା, ମୂଲ୍ୟରେ ସମାନତା ସୁନିଶ୍ଚିତ କରିବା ଏବଂ ବ୍ୟବସ୍ଥାକୁ ଅଧିକ ନାଗରିକ ଅନୁକୂଳ କରିବା ପାଇଁ ନିମ୍ନମତେ ଦିଆଯାଇଥିବା ସେବା ଶୁଳ୍କ ସଂଶୋଧନ ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-BMC-SANI-SANI-0055/2025

**୧. ସବୁଜ ବର୍ଜ୍ୟବସ୍ତୁ ବୁକିଂ:-**

ପ୍ରସ୍ତାବିତ ହାର: ୧.ପ୍ରତି ବୁକିଂ ପାଇଁ ଟ ୧୦୦/-ଙ୍କା (ଏକ ଶହ ଟଙ୍କା)

ଏଥିରେ ଘର କିମ୍ବା ଉତ୍ପାଦନ ସ୍ଥାନରୁ ଉଦ୍ୟାନ/ସବୁଜ ବର୍ଜ୍ୟବସ୍ତୁ ଉଠାଣ ଏବଂ ପରିବହନ ଅନ୍ତର୍ଭୁକ୍ତ ହେବ ।

**୨. C&D ବର୍ଜ୍ୟବସ୍ତୁ ବୁକିଂ :-**

ପୂର୍ଣ୍ଣ ଲୋଡ୍: ପ୍ରତି ଯାତ୍ରା ପାଇଁ ଟ୩,୦୦୦/- (ତିନି ହଜାର ଟଙ୍କା)

ପୂର୍ଣ୍ଣ ଲୋଡ୍ ଠାରୁ କମ୍: ପ୍ରତି ଯାତ୍ରା ପାଇଁ ଟ ୧୫୦୦/- (ଏକ ହଜାର ପାଂଚ ଶହ ଟଙ୍କା)

ନିର୍ଦ୍ଧାରଣ-୭(୧୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୪). ଭୁବନେଶ୍ୱର ମହାନଗର ନିଗମର ୩୪ ଗୋଟି ନିଜସ୍ୱ ଯାନବାହନର ବୀମା ପୁନଃନବୀକରଣ ପାଇଁ ପତ୍ରସଂଖ୍ୟା-୫୩୧୦୧ ତା ୨୫.୧୦.୨୦୨୫ ରିଖ ଅନୁସାରେ ଚାରୋଟି ସରକାରୀ General Insurance କମ୍ପାନୀଙ୍କୁ ଦରପତ୍ର ଆହ୍ୱାନ କରାଯାଇଥିଲା । ସେଥିରୁ National Insurance Co. Ltd., United India Insurance Co. Ltd. ଓ The New India Assurance Co. Ltd. ନିର୍ଦ୍ଧାରିତ ସମୟସୀମାରେ ନିଜ ଦରପତ୍ର ଦାଖଲ କରିଥିଲେ । ସେମାନଙ୍କ ଦ୍ୱାରା ଦିଆଯାଇଥିବା GST ସହିତ ମୋଟ ପ୍ରିମିୟମ୍ ରାଶିକୁ ପରୀକ୍ଷା କରି ନିମ୍ନୋକ୍ତ ତୁଳନାମୂଳକ ସ୍ଥିତି ପ୍ରସ୍ତୁତ କରାଯାଇଛି ।

| କ୍ର.ନଂ | ବୀମା କମ୍ପାନୀର ନାମ | ମୋଟ ପ୍ରିମିୟମ୍ (Rs.) | ର୍‍ୟାଙ୍କିଙ୍ଗ୍ |
|---|---|---|---|
| 1 | National Insurance Co. Ltd. | 3,63,579/- | L-1 |
| 2 | United India Insurance Co. Ltd. | 5,01,670/- | L-2 |
| 3 | New India Assurance Co. Ltd. | 5,38,774/- | L-3 |

ଗଠିତ ଚୟନ ସମିତି ପତ୍ରସଂଖ୍ୟା-୫୫୭୫୨ ତା ୦୭.୧୧.୨୦୨୫ ରିଖ ଅନୁସାରେ Additional Commissioner-III ଙ୍କ ଅଧ୍ୟକ୍ଷତାରେ ବୈଠକ କରି ଗ୍ରହୀତ ଦରପତ୍ର ଗୁଡ଼ିକୁ ପରୀକ୍ଷଣ ଓ ମୂଲ୍ୟାୟନ ପରେ National Insurance Company Limited କୁ ପ୍ରାଥମିକ ଭାବରେ L-1 bidder ଭାବେ ଚୟନ କରିବା ପାଇଁ ପରାମର୍ଶ ଦେଇଥିଲା ।

ପରବର୍ତ୍ତୀ କାଳରେ ତା ୧୦.୧୧.୨୦୨୫ ରିଖରେ National Insurance Co. Ltd. ସହିତ ହୋଇଥିବା ବୁଝାମଣା ଦର ଆଲୋଚନା ବୈଠକରେ L-1 bidder ସମସ୍ତ ୩୪ ଗୋଟି ଯାନବାହନ ପାଇଁ package policy (IMT-23) ଅଧିନରେ ବର୍ଷକାଳୀନ ସମ୍ପୂର୍ଣ୍ଣ ବୀମା କଭର ଟ୩,୦୫,୩୫୮/- (GST ସହିତ) ମୋଟ ପ୍ରିମିୟମ୍‌ରେ ପ୍ରଦାନ କରିବାକୁ ସମ୍ମତି ପ୍ରକାଶ କରିଛି ।

ଉପରୋକ୍ତ ପରିପ୍ରେକ୍ଷୀରେ ପ୍ରଶାସନିକ ଅନୁମୋଦନକୁ ଆଧାର କରି ବି.ଏମ୍.ସି ର ୩୪ ଗୋଟି ଯାନବାହନର ବୀମା ପୁନଃନବୀକରଣ ନିମନ୍ତେ National Insurance Co. Ltd. କୁ package policy (IMT-23) ଅଧିନରେ ଟ୩,୦୫,୩୫୮/- ମୋଟ ପ୍ରିମିୟମ୍‌ରେ ଚୟନ କରିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ- XXXVI-278/2022

ନିର୍ଦ୍ଧାରଣ-୭(୧୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ ମୁଖ୍ୟ ଡ୍ରେନେଜ୍ ବିକାଶ/ପୁନରୁଦ୍ଧାର/ଚଉଡ଼ାକରଣ/ଲାଇନିଂ ଇତ୍ୟାଦି କାର୍ଯ୍ୟ ଗୁଡ଼ିକ ଏନ୍.ଡ଼ି.ଏମ୍.ଏଫ୍ ପାଣ୍ଠି ଅଧିନରେ କାର୍ଯ୍ୟର ଡ଼ିପିଆର୍ ପ୍ରସ୍ତାବକୁ ଅନୁମୋଦନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:-ନଥି ନଂ- XXXXXV-(D)-339/2025 ଟିପ୍ପଣୀ-୧ ରୁ ୨ ଦ୍ରଷ୍ଟବ୍ୟ ।

| କ୍ର.ନଂ | କାର୍ଯ୍ୟର ନାମ/ ନଥି ନଂ | ଅଟକଳ ପରିମାଣ |
|---|---|---|
| 1 | Constn. of drain from ISKON (Chamber No.-1) to Drain No.-4 at Vanivihar parallel to NH-16 via Jayadev Vihar<br>XXXXXV-(D)-333/2025 | Rs.29.27 Crore |
| 2 | Constn. of drain from Syphone point to Gangua nalla out fall on Drain No.-5<br>XXXXXV-(D)-334/2025 | Rs.13.44 Crore |
| 3 | Constn. of New RCC drain from Sishu Bhawan Chhaka to New Forest Park Colony on Drain No.-7<br>XXXXXV-(D)-335/2025 | Rs.3.80 Crore |
| 4 | Constn. of RCC wall of existing drain near Gouri Nagar Lewis Road (Drain No.-7)<br>XXXXXV-(D)-336/2025 | Rs.3.97 Crore |
| 5 | Constn. of RCC lining of Drain No.-10 behind Bayababa Matha<br>XXXXXV-(D)-337/2025 | Rs.3.98 Crore |
| 6 | Constn. & widening of drain from NH to Paikanagar Chhaka near Renault Show Room and Mundasahi<br>XXXXXV-(D)-338/2025 | Rs.3.90 Crore |
| 7 | Urgent Restoration & Constn. of collapsed portion of Main Drain No.-6 & syphon over Daya West Canal on Badagada Road<br>XXXXXV-(D)-340/2025 | Rs.2.8 Crore |

ନିର୍ଦ୍ଧାରଣ-୭(୧୫). ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ଓ ୨ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ଅଟକଳ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦-1(d) ତା ୧୯.୦୭.୨୦୨୫ ରିଖ ଅନୁଯାୟୀ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୩ ରୁ ୭ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ଅଟକଳ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦-1(c) ତା ୧୯.୦୭.୨୦୨୫ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୬). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୬ ଗୋଟି ଜଳାଶୟର ପୁନରୁଦ୍ଧାର ଏବଂ ପାର୍ଶ୍ୱବର୍ତ୍ତୀ ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ୨ୟ ପର୍ଯ୍ୟାୟରେ OUIDF ପାଣ୍ଠି ମଞ୍ଜୁର କରିଛନ୍ତି । KFW ର ଅଧିକାରୀମାନେ ଅନନ୍ତ ବାସୁଦେବ ପୋଖରୀ ପରିଦର୍ଶନ କରି ଜଳାଶୟ ସଫା କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ

ନେବାକୁ ଅନୁରୋଧ କରିଛନ୍ତି । ସଫା କାର୍ଯ୍ୟ ସମାପ୍ତ ହେବାପରେ OUIDF ର ଏକ ଯାଂଚ୍ ଦଳ ଏହି ଜଳାଶୟର ଅବସ୍ଥା ମୂଲ୍ୟାଙ୍କନ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ଆସିବେ ।

ପୂର୍ବରୁ ଏହି କାର୍ଯ୍ୟ ପାଇଁ ଚିଠି ନମ୍ବର-792/OUIDF ତା ୦୧.୦୮.୨୦୧୯ ରିଖରେ Rs.2,25,09,308/- ମଞ୍ଜୁର କରାଯାଇଥିଲା, କିନ୍ତୁ କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇପାରିନଥିଲା । ପୁନଃବାର ବାକି କାମକୁ ଶେଷ କରିବା ନିମନ୍ତେ ଚିଠି ନମ୍ବର-୩୧୧ ତା ୧୬.୦୪.୨୦୨୫ ରିଖ ଅନୁଯାୟୀ OUIDF ପାଣ୍ଠି ମଞ୍ଜୁର କରିଛନ୍ତି ।

ତଦନୁସାରେ, ଉକ୍ତ କାର୍ଯ୍ୟ ପାଇଁ Rs.1,05,00,000/-(GST 18%) ର ଆକଳନ (Estimate) କରାଯାଇ ଭୁବନେଶ୍ୱର ମହାନଗର ନିଗମର Notice No.-BMC-EE-D-64/2024-25 ତା ୨୭.୦୨.୨୦୨୫ ରିଖରେ Improvement of Ananta Basudev Pond in Ward No.-19 ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ କଂଟ୍ରାକ୍ଟର ଶ୍ରୀ ପ୍ରମୋଦ କୁମାର ଦାସ ପ୍ରଥମ ସର୍ବନିମ୍ନ ଦରଦାତା ହୋଇଥିଲେ । ଶ୍ରୀ ଦାସଙ୍କ ଦର Rs.1,08,53,088/-(GST 18%) ମାତ୍ର ଯାହାକି ଅଟକଳ ମୂଲ୍ୟ Rs.1,04,87,089 (GST 18%) ଠାରୁ ୩.୪୯% ଅଧିକ ହୋଇଥିବାରୁ ଏହାର ଗ୍ରହଣ/ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଗ୍ରର :- ନଥି ନଂ-XXIX-PW-Div.-I-1551/2024 (A) ଟିପ୍ପଣୀ ପୃଷ୍ଠା- ୧ ରୁ ୨୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୭). ଭୁବନେଶ୍ୱର ମହାନଗର ନିଗମ South-East Zone ଅଞ୍ଚଳରେ Advertisement Hoarding ଲଗାଇବା ପାଇଁ ଚୁକ୍ତିବଦ୍ଧ ହୋଇଥିବା ସଂସ୍ଥା M/S Ajanta Advertisers ଙ୍କର ଚୁକ୍ତିପତ୍ରର ପ୍ରାଥମିକ ସମୟ ସୀମା ଗତ ତା.17.08.2025 ରିଖ ଠାରୁ ସମାପ୍ତ ହୋଇଯାଇଥିଲା । ପ୍ରକାଶ ଥାଉକି ଗତ ତା.30.07.2025 ରିଖ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-7(13) ଅନୁଯାୟୀ ଉକ୍ତ ସଂସ୍ଥାର କାର୍ଯକାଳ ଅବଧିକୁ ଚୁକ୍ତିପତ୍ର ମୁତାବକ ୩ ମାସ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଯିବା ନିମନ୍ତେ ନିଷ୍ପତି ହୋଇଥିଲା ଓ ଉକ୍ତ ୩ ମାସ ମଧରେ ଉକ୍ତ ସଂସ୍ଥାର କାର୍ଯଦକ୍ଷତା ଓ ଚୁକ୍ତିପତ୍ର କୁ ତର୍ଜମା କରାଯାଇ Media plan ପ୍ରସ୍ତୁତ କରାଯିବା ପାଇଁ ନିଷ୍ପତି ହୋଇଥିଲା । ଯାହାକି ଗତ Corporation Meeting Resolution no. 7(8) ତା.10.09.2025 ରିଖରେ ଉକ୍ତ ସଂସ୍ଥାର କାର୍ଯଦକ୍ଷତା ତର୍ଜମା ବିବରଣୀ ସହ ଉପସ୍ଥାପନ କରାଯାଇଥିଲା ଓ ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଉକ୍ତ ସଂସ୍ଥାର କାର୍ଯ୍ୟକାଳ ଅବଧିକୁ ପୁନଃ ୩ ବର୍ଷ ପାଇଁ ସମ୍ପ୍ରସାରଣ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏଥି ନିମନ୍ତେ ଉକ୍ତ ସଂସ୍ଥା ସହ revised agreement କରାଯାଇ କାର୍ଯ୍ୟକାରୀ ହେଉଥିବା 18981 sqft ପାଇଁ ପରିଷଦ ଧାର୍ଯ୍ୟ କରିଥିବା ନୂତନ ଦର ଅନୁଯାଇ license fee ଅଦାୟ କରାଯିବ ଓ ଅବଶିଷ୍ଟ 19601 sqft ଯାହାକି, ମିଳିତ ସର୍ବେକ୍ଷଣ ପରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ସେହି ହୋର୍ଡିଙ୍ଗ ଗୁଡିକ ପାଇଁ gestation period (60 days) ପରଠାରୁ ଆଗାମୀ ୩ ବର୍ଷ ପାଇଁ ନୂତନ ଦର ଅନୁଯାଇ license fee ଅଦାୟ କରାଯିବ ଓ ସେ ପର୍ଯ୍ୟନ୍ତ extension period ପାଇଁ ଧାର୍ଯ୍ୟ ହୋଇଥିବା ଦର ଅନୁଯାଇ license fee ଅଦାୟ କରାଯିବ ।

ପ୍ରକାଶ ଥାଉକି, ଅଦ୍ୟାବଧି ଉକ୍ତ ସଂସ୍ଥା ଗତ ୩ ବର୍ଷ ମଧରେ ପୂର୍ବ ଚୁକ୍ତି ପତ୍ର ଅନୁଯାଇ 18981 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ କର୍ଯାଳୟ ତରଫ ରୁ ଅନୁମତି ପାଇଥିଲେ ଇତି ମଧରେ କାର୍ଯ୍ୟାଳୟ ତରଫରୁ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରାଯାଇ ମିଳିତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ କରାଯାଇଥିଲା ଓ ସମ୍ପୃକ୍ତ ସଂସ୍ଥା ଏଥିପାଇଁ Media plan ଦାଖଲ କରିଥିଲେ । ପୂର୍ବ ଚୁକ୍ତି ପତ୍ର ମୁତାବକ M/S Ajanta Advertisers 47918.23 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ । ସମ୍ପୂର୍ଣ୍ଣ ମିଳିତ ସର୍ବେକ୍ଷଣ ପରେ ତନ୍ମଧ୍ୟରୁ ସର୍ବମୋଟ 38582 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ଉପଯୁକ୍ତ ବିବେଚିତ ହୋଇଅଛି ଓ ଅବଶିଷ୍ଟ 9336.23 sqft ଅଞ୍ଚଳ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ନିମନ୍ତେ ଅନୁପଯୁକ୍ତ ବିବେଚିତ ହୋଇଅଛି । ଏହାର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଗ୍ରର:- ନଥି ନଂ- XXII-(L).-101/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୮). ଭୁବନେଶ୍ୱର ମହାନଗର ନିଗମାଞ୍ଚଳ ମଧ୍ୟରେ private ଜାଗାରେ advertisement, display hoardings ଲଗାଇବା ନିମନ୍ତେ 24 ଗୋଟି ସଂସ୍ଥାଙ୍କୁ ଓ ଅନ୍ୟାନ୍ୟ advertisement display କାର୍ଯ୍ୟ ପାଇଁ 13 ଗୋଟି ସଂସ୍ଥା କୁ ଭୁବନେଶ୍ୱର ମହାନଗର ନିଗମ ପାତ୍ର ସଂଖ୍ୟା 56990 dtd.06.12.2022 ମୁତାବକ ଦୁଇଟି ବର୍ଗରେ registration କରଯାଇଥିଲା । ଏଥି ନିମନ୍ତେ ପ୍ରସ୍ତୁତ ହୋଇଥିବା ସର୍ତ୍ତାବଳୀର ବିଧି ସଂଖ୍ୟା 16(a) ଅନୁଯାଇ ଏହି କାର୍ଯ୍ୟ ପାଇଁ ହୋଇଥିବା registration ର କାର୍ଯ୍ୟକାଳ ଅବଧି କାର୍ଯ୍ୟାଳୟ ରୁ issue ହୋଇଥିବା ପତ୍ର ତାରିଖ ଠାରୁ 3 ବର୍ଷ ପର୍ଯ୍ୟନ୍ତ ବଳବତ୍ତ ରହିବ ଯାହାକି ଆସନ୍ତା dtd 05.12.2025ରେ ସମାପ୍ତ ହେବାକୁ ଯାଉଛି । ଆସନ୍ତା dtd.06.12.25 ଠାରୁ ସମସ୍ତ private ଜାଗାରେ ଥିବା ହୋର୍ଡିଙ୍ଗ ଗୁଡିକୁ ଅବୈଧ ଘୋଷଣା କରାଯାଉଛି । ଏହି ସର୍ତ୍ତାବଳୀ ର ବିଧି ସଂଖ୍ୟା 16(b) ଅନୁଯାଇ ଏହି କାର୍ଯ୍ୟକାଳକୁ ପରବର୍ତ୍ତି ଏକବର୍ଷ ପାଇଁ ସମ୍ପ୍ରସାରଣ କରାଯାଇପାରେ ଓ ଏହି କାର୍ଯ୍ୟକାଳ ଅବଧି 5 ବର୍ଷ ପର୍ଯ୍ୟନ୍ତ ରହିପାରେ । ଏଥି ନିମନ୍ତେ ଇଚ୍ଛୁକ empanelled ହୋଇଥିବା ସଂସ୍ଥା ମାନଙ୍କୁ No Dues Certificate(NDC) ଓ Performance Certificate ସହ ପୁନଃ ଆବେଦନ କରିବାକୁ ପଡିବ, ଯାହାକି ସମ୍ପୃକ୍ତ ସଂସ୍ଥା ମାନଙ୍କ ଅବଗତି ନିମନ୍ତେ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି । ଯେଉଁ ସଂସ୍ଥା ମାନଙ୍କର ଆବେଦନ ପତ୍ର ଆବଶ୍ୟକ କାଗଜାତ ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ରହଣ କରାଯିବ ସେହି ସଂସ୍ଥା ମାନଙ୍କର re-empanelment କରାଯିବା ପାଇଁ କର୍ପୋରେସନଙ୍କ ବିଚାର:- ନଥି ନଂ- XXII-(L).-101/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୯). ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ସରକାରୀ ଜାଗାରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ M/S Team Admark Pvt Ltd ସଂସ୍ଥା ସହ North Zone Package-1 ଅନୁଯାଇ 1305.25 sqft, package-2 ଅନୁଯାଇ 20,763 sqft ଓ South-West Zone ର Package-2 ଅନୁଯାଇ 5020 sqft, ଏହିପରି ସର୍ବମୋଟ 38905 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ଗତ May 2023 ଠାରୁ ଚୁକ୍ତି ହୋଇଥିଲା । ପ୍ରକାଶ ଥାଉକି ଅଦ୍ୟାବଧି ଉକ୍ତ ସଂସ୍ଥା ଗତ Oct 2025 ମଧ୍ୟରେ ପୂର୍ବ ଚୁକ୍ତି ପତ୍ର ଅନୁଯାଇ 22355 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ କର୍ଯାଳୟ ତରଫରୁ ଅନୁମତି ପାଇଥିଲେ ଓ ଏଥି ପାଇଁ ପ୍ରତି ମାସରେ Display License fee ଦାଖଲ କରି ଆସୁଛନ୍ତି । ଇତି ମଧ୍ୟରେ କାର୍ଯ୍ୟାଳୟ ତରଫରୁ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରାଯାଇ ମିଳିତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ କରାଯାଇଥିଲା ଓ ସମ୍ପୃକ୍ତ ସଂସ୍ଥା ଏଥିପାଇଁ Media plan ଦାଖଲ କରିଥିଲେ । M/S Team Admark Pvt Ltd ସହ ମିଳିତ ସର୍ବେକ୍ଷଣ ପରେ 7470 sqft ଅଞ୍ଚଳ ନୂତନ ଭାବେ ଚିହ୍ନଟ କଲେ, ଏହାକୁ ମିଶାଇ ସର୍ବମୋଟ 29825 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ବିବେଚିତ ହୋଇଛି ଯେଉଁଥିପାଇଁ ଉକ୍ତ ସଂସ୍ଥା ଠାରୁ Display License fee ଅଦାୟ କରାଯିବ ଓ ଅବଶିଷ୍ଟ 9080.25 sqft ଅଞ୍ଚଳ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ନିମନ୍ତେ ଉପଯୁକ୍ତ ନୁହଁ । ଯଦି ଭବିଷ୍ୟତରେ ଏଥି ମଧ୍ୟରୁ କୌଣସି ଅଞ୍ଚଳ ପୁନଃ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ଯୋଗ୍ୟ ହେବେ ଏହାକୁ ଉକ୍ତ ସଂସ୍ଥାକୁ ପୁନର୍ବାର ସୁଯୋଗ ଦିଆଯାଇପାରେ କିମ୍ବା ଅକ୍ସନ୍ ମାଧ୍ୟମରେ ଉକ୍ତ ସଂସ୍ଥା ପାଇଁ ଚଳିତ ବର୍ଷରେ ଧାର୍ଯ୍ୟ ହୋଇଥିବା ଦର କିମ୍ବା ଏହାଠାରୁ ଅଧିକ ଦରରେ empanelment ହୋଇଥିବା ସଂସ୍ଥା ମାନଙ୍କୁ ଉକ୍ତ ଅଂଚଳରେ ବିଜ୍ଞାପନଫଳକ (Advertisement Display Board) ଲଗାଇବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ- XXII-(L).-101/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୦). ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ସରକାରୀ ଜାଗାରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ M/S Torrent Advertisement ସଂସ୍ଥାକୁ ସହ South-West Zone ର Package-୧ ଅନୁଯାଇ 6123.75 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ଗତ May-2023 ଠାରୁ ଚୁକ୍ତି ହୋଇଥିଲା । ପ୍ରକାଶ ଥାଉ କି ଅଦ୍ୟାବଧି ଉକ୍ତ ସଂସ୍ଥା ଗତ Oct-2025 ମଧ୍ୟରେ ଚୁକ୍ତି ପତ୍ର ଅନୁଯାଇ 3500 sqft

ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ କର୍ଯ୍ୟାଳୟ ତରଫ ରୁ ଅନୁମତି ପାଇଛନ୍ତି ଓ ଏଥିପାଇଁ ପ୍ରତି ମାସରେ Display License fee ଦାଖଲ କରି ଆସୁଛନ୍ତି । ଗତ October-2025 ରେ ଆଉ 1200 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ Media Plan ଦାଖଲ କରିଛନ୍ତି । ଇତି ମଧ୍ୟରେ କାର୍ଯ୍ୟାଳୟ ତରଫରୁ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରାଯାଇ ମିଳିତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ କରାଯାଇଥିଲା ଓ ଏହି ବିବରଣୀ ମୁତାବକ ଅବଶିଷ୍ଟ 2623.75 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ସମ୍ପୂର୍ଣ ଯୋଗ୍ୟ ବିବେଚିତ ହୋଇଛି ଯେଉଁଥିପାଇଁ ଉକ୍ତ ସଂସ୍ଥା ଠାରୁ Display License fee ଅଦାୟ କରାଯିବ । ଏହାର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚ୍ଚର:- ନଥି ନଂ- XXII-(L).-101/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୦). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୧). ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ସରକାରୀ ଜାଗାରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ M/S Dream Advertisement ସଂସ୍ଥାକୁ ସହ South-West Zone ର Package-III ଅନୁଯାଇ 1600 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ଗତ May 2023 ଠାରୁ ଚୁକ୍ତି ହୋଇଥିଲା । ପ୍ରକାଶ ଥାଉ କି ଅଦ୍ୟାବଧି ଉକ୍ତ ସଂସ୍ଥା ଗତ Oct 2025 ମଧ୍ୟରେ ଚୁକ୍ତି ପତ୍ର ଅନୁଯାଇ 1780 sqft ଅଞ୍ଚଳରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ କାର୍ଯ୍ୟାଳୟ ତରଫରୁ ଅନୁମତି ପାଇଛନ୍ତି ଓ ଏଥିପାଇଁ ପ୍ରତି ମାସରେ Display License fee ଦାଖଲ କରି ଆସୁଛନ୍ତି । ଇତି ମଧ୍ୟରେ କାର୍ଯ୍ୟାଳୟ ତରଫରୁ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରାଯାଇ ମିଳିତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ କରାଯାଇଥିଲା ଓ ଏହି ବିବରଣୀ ମୁତାବକ ଉକ୍ତ ସଂସ୍ଥା 180 sqft ଅଞ୍ଚଳରେ ଅଧିକ ବିଜ୍ଞାପନ ଫଳକ (Advertisement Display Board) ଲଗାଇଛନ୍ତି । ଏହାର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚ୍ଚର:- ନଥି ନଂ- XXII-(L).-101/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ଉକ୍ତ ସଂସ୍ଥା ଯେବେଠାରୁ ୧୮୦ ବର୍ଗଫୁଟ ଅଧିକ ବିଜ୍ଞାପନଫଳକ ଲଗାଇଛନ୍ତି ସେହି ସମୟ ଠାରୁ ଅର୍ଥ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨୨). ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ପରିସୀମା ବୃଦ୍ଧି ହେବା ସହ ଉକ୍ତ ଜନବସତି ଅଞ୍ଚଳରେ ଇତି ମଧ୍ୟରେ ରାସ୍ତାଘାଟ ଗୁଡିକର ଉନ୍ନତି କରଣ ହୋଇଛି । ଉକ୍ତ ରାସ୍ତା ଗୁଡିକୁ ସରଜମିନ ଯାଂଚ୍ କରାଯିବା ପରେ କେତେଗୁଡିଏ ରାସ୍ତା ପାର୍ଶ୍ୱରେ ରହିଥିବା ସରକାରୀ ଜାଗାରେ ବିଜ୍ଞାପନ ଫଳକ (Advertisement display board) ଲଗାଯିବା ପାଇଁ ଯୋଗ୍ୟ ସ୍ଥାନ ବଛାଯାଇଛି । ଉକ୍ତ ସ୍ଥାନର ବର୍ଗଫୁଟ ଅନୁଯାୟୀ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି ।

| Sl. No. | Name of the Zone | Total Square ft. Area |
|---|---|---|
| 1. | North Zone | 14475 |
| 2 | South West Zone | 27575 |
| 3 | South East Zone | 7350 |

ପ୍ରକାଶ ଥାଉକି ଉପରୋକ୍ତ ସମ୍ପ୍ରସାରିତ ଅଞ୍ଚଳ ଗୁଡିକରେ ବିଜ୍ଞାପନ ଫଳକ (Advertisement Display Board) ଲଗାଇବା ପାଇଁ ସମ୍ପୃକ୍ତ ଜୋନ Zone ପାଇଁ ପୂର୍ବରୁ ଯୋଗ୍ୟ ବିବେଚିତ ହୋଇଥିବା Advertisement ସଂସ୍ଥା ଯଥା North Zone ପାଇଁ M/S Team Admark Pvt.Ltd କୁ ପତ୍ର ସଂଖ୍ୟା 58608 dtd. 19.11.2025, South-West Zone ପାଇଁ M/S Torrent Advertisers କୁ ପତ୍ର ସଂଖ୍ୟା 58610 dtd. 19.11.2025 ଓ M/S Dream Advertising କୁ ପତ୍ର ସଂଖ୍ୟା 58609 dtd. 19.11.2025 ଏବଂ South-East Zone ପାଇଁ ପତ୍ର ସଂଖ୍ୟା 58607 dtd. 19.11.2025 ଲିଖ ମୁତାବକ ମତାମତ ମଗାଯାଇଛି, ଏପର୍ଯ୍ୟନ୍ତ କୌଣସି

ସଂସ୍ଥାଙ୍କ ଠାରୁ ମତାମତ ପ୍ରାପ୍ତ ହୋଇନାହିଁ ତେଣୁ ଉପରୋକ୍ତ ଅଞ୍ଚଳ ପାଇଁ Tender ମାଧ୍ୟମରେ ନୂତନ ସଂସ୍ଥା ଚୟନ କରାଯିବା ନିମନ୍ତେ କର୍ପୋରେସନଙ୍କ ବିଚାର:-
ନଥି ନଂ- XXII-(L).-101/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୩). ତା ୧୩.୧୦.୨୦୨୫ ରିଖ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ଦ୍ୱାରା ଜାରି କରାଯାଇଥିବା ଅଧିସୂଚନା ସଂଖ୍ୟା-24096/HUD, ତା ୧୩.୧୦.୨୦୨୫ ରିଖ ଓ ଅଧିସୂଚନା ସଂଖ୍ୟା-24100/HUD, ତା ୧୩.୧୦.୨୦୨୫ ରିଖ ଅନୁଯାୟୀ ରାଜ୍ୟ ସରକାର ଯଥାକ୍ରମେ ଆୟୁକ୍ତ ଶ୍ରୀ ଚଂଚଳ ରାଣା, ଭୁବନେଶ୍ୱର ମହାନଗର ନିଗମଙ୍କୁ ଉପବିଭାଗ (୧) ଧାରା ୨୫ ଓଡ଼ିଶା ଆପାର୍ଟମେଂଟ (ଓନରସିପ୍ ଆଣ୍ଡ୍ ମ୍ୟାନେଜ୍‌ମେଂଟ) ଆକ୍ଟ, ୨୦୨୩ (ଓଡ଼ିଶା ଆକ୍ଟ ୮,୨୦୨୩) ଅନୁଯାୟୀ ଆପେଲେଟ ଅଥରିଟି (ପୁନଃ ବିଚାର ପ୍ରାଧିକାରୀ) ଭାବେ ନିଯୁକ୍ତି କରିଛନ୍ତି ଏବଂ ଶ୍ରୀ ଯୋଗେନ୍ଦ୍ର ମାଝୀ, ଉପ ଆୟୁକ୍ତ (ବିଧି ଉପବିଭାଗ), ଭୁବନେଶ୍ୱର ମହାନଗର ନିଗମଙ୍କୁ ଓଡ଼ିଶା ଆପାର୍ଟମେଂଟ (ଓନରସିପ ଆଣ୍ଡ୍ ମ୍ୟାନେଜ୍‌ମେଂଟ) ଆକ୍ଟ ଉପବିଭାଗ (୧) ଧାରା ୨୩ ମତେ Competent Authority (କାର୍ଯ୍ୟଦକ୍ଷ ପ୍ରାଧିକାରୀ) ଭାବେ ନିଯୁକ୍ତି କରିଛନ୍ତି । ଏହାର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXV(L)-142/2025 ଟିପ୍ପଣୀ ପୃଷ୍ଠା-୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୪). ଭୁବନେଶ୍ୱର ମହାନଗର ନିଗମରେ ପଞ୍ଜିକରଣ ହେବାକୁ ଥିବା ଆପାର୍ଟମେଂଟ ଗୁଡ଼ିକର ପ୍ରକ୍ରିୟାକରଣ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ବର୍ଗାନୁଯାୟୀ ଜମାରାଶି ଯାହା ନିମ୍ନରେ ପ୍ରଦତ୍ତ ଅଛି ତାହା ଅନୁମୋଦନ ନିମନ୍ତେ କର୍ପୋରେସନରେ ଉପସ୍ଥାପନ କରାଗଲା ।

| ଫ୍ଲାଟ୍/ ବାସସ୍ଥାନ ସଂଖ୍ୟା | ପ୍ରକ୍ରିୟାକରଣ/ ପଞ୍ଜିକରଣ ଦେୟ |
|---|---|
| ୫୦ ଟି ଫ୍ଲାଟ୍ ପର୍ଯ୍ୟନ୍ତ | ଟ୫,୦୦୦/-ଙ୍କା |
| ୫୧ ରୁ ୧୦୦ ଟି ଫ୍ଲାଟ୍ ପର୍ଯ୍ୟନ୍ତ | ଟ୧୦,୦୦୦/-ଙ୍କା |
| ୧୦୧ ରୁ ୧୫୦ ଟି ଫ୍ଲାଟ୍ ପର୍ଯ୍ୟନ୍ତ | ଟ୧୫,୦୦୦/-ଙ୍କା |

ସେହି କ୍ରମରେ ଅତିରିକ୍ତ ୫୦ ସଂଖ୍ୟା ଆପାର୍ଟମେଂଟର ଫ୍ଲାଟ୍ ପାଇଁ ନିମ୍ନମତେ ଦେୟ ଟ୫,୦୦୦/-ଙ୍କା ଜମା କରାଯିବ । ଉଦାହରଣସ୍ୱରୂପ ୧୫୧ ରୁ ୨୦୦ ଫ୍ଲାଟ୍ ପର୍ଯ୍ୟନ୍ତ ପ୍ରକ୍ରିୟାକରଣ ଦେୟ ଟ୨୦,୦୦୦/-ଙ୍କା ଅଟେ । ୨୦୧ ରୁ ୨୫୦ ଫ୍ଲାଟ୍ ପର୍ଯ୍ୟନ୍ତ ପ୍ରକ୍ରିୟାକରଣ ଦେୟ ଟ୨୫,୦୦୦/-ଙ୍କା ଅଟେ ଏବଂ ଏହି କ୍ରମରେ ।
(ପ୍ରକାଶ ଥାଉକି, ଆପାର୍ଟମେଂଟର ପ୍ଲାନ୍ ଅନୁଯାୟୀ ଫ୍ଲାଟ୍ ର ସଂଖ୍ୟା ଧରାଯିବ ।)
ତତ୍‌ପରେ ଅନ୍ୟାନ୍ୟ ସେବା ନିମନ୍ତେ ନିମ୍ନବର୍ଣ୍ଣିତ ଅର୍ଥରାଶି ଜମା କରାଯିବ ।

| ସେବାର ନାମ | ସେବା ପାଇଁ ଦେୟ |
|---|---|
| Byelaw ପ୍ରମାଣପତ୍ରର ନକଲ | ଟ୧,୦୦୦/-ଙ୍କା |
| Society ପ୍ରମାଣପତ୍ରର ନକଲ | ଟ୧,୦୦୦/-ଙ୍କା |
| କୌଣସି ସଂଶୋଧନ ପତ୍ର ଦାଖଲ କରିବା ନିମନ୍ତେ | ଟ୧,୦୦୦/-ଙ୍କା |

ଉପରୋକ୍ତ ପ୍ରସ୍ତାବ କାର୍ଯ୍ୟକାରୀ କରିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXV(L)-142/2025 ଟିପ୍ପଣୀ ପୃଷ୍ଠା-୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୫). ଭୁବନେଶ୍ୱର ମହାନଗର ନିଗମର ସ୍ୱଚ୍ଛ ଭୁବନେଶ୍ୱର ଅଭିଯାନ ସେଲ୍ (ଏସ୍.ବି.ଏ ସେଲ୍) ମାଧ୍ୟମରେ ବିଭିନ୍ନ ବିଭାଗରେ ଆଉଟ୍‌ସୋର୍ସିଂ ବେସିସ୍‌ରେ AIILSG ଏବଂ ବି.ଏମ୍.ସି ମଧ୍ୟରେ ସ୍ୱାକ୍ଷରିତ MOU ତା ୨୯.୦୬.୨୦୨୨ ରିଖ ଦ୍ୱାରା କାର୍ଯ୍ୟ କରୁଥିବା ୩୪ ଜଣ Professionals/ Experts ଏବଂ ଅନ୍ୟାନ୍ୟ ଷ୍ଟାଫଙ୍କର କାର୍ଯ୍ୟ ଅବଧିର renewal ତା ୦୧.୦୭.୨୦୨୫ ରିଖ ଠାରୁ ତା ୩୦.୦୬.୨୦୨୬ ରିଖ

ପର୍ଯ୍ୟନ୍ତ ଗତ ତା ୩୦.୦୭.୨୦୨୫ ରିଖ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୧୬) କ୍ରମେ ଅନୁମୋଦନ ହୋଇଅଛି । ସ୍ୱାକ୍ଷରିତ ହୋଇଥିବା MOU ତା ୨୯.୦୬.୨୦୨୨ ରିଖ, clause-4.8 ଅନୁଯାୟୀ Professionals/ Experts ଏବଂ ଅନ୍ୟାନ୍ୟ ଷ୍ଟାଫ୍, ଏସ୍.ବି.ଏ ସେଲ୍, ବି.ଏମ୍.ସି ଙ୍କର ଏକୀକୃତ ପାରିଶ୍ରମିକ ୧୦% ବୃଦ୍ଧି ଏବଂ Administrative Charges କମାଯାଇ 3.85% ରେ AIILSG ଙ୍କ ସହିତ renewal MOU ସ୍ୱାକ୍ଷର କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXXVI-PPP-119/21 ଟିପ୍ପଣୀ-୫୬ ରୁ ୬୦ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୬). ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ କାର୍ଯ୍ୟକୁ ସୁସମ୍ପାଦନା କରିବା ପାଇଁ ବିଭିନ୍ନ ବିଭାଗରେ ଭିନ୍ନ ଭିନ୍ନ Human Resources Agency ଯଥା-AIILSG, Jagannath Security & Placement Services, Computer Lab, ପ୍ରତ୍ୟୁଷ ସଂସ୍ଥା ଇତ୍ୟାଦିଙ୍କ ଦ୍ୱାରା ଆଉଟ୍‌ସୋର୍ସିଂ ବେସିସ୍‌ରେ Sanitary Inspectors, Experts, Professionals, SMTAs, Operators, Engineers ଏବଂ ଅନ୍ୟ ଷ୍ଟାଫ୍ ଇତ୍ୟାଦି ନିୟୋଜିତ ହୋଇଛନ୍ତି । ଏହି Human Resources providing agencies ମାନଙ୍କର Service Charge/ administrative charges ରେ uniformity ଆଣିବା ଯଥା:- ଏହି Service Charge/ administrative charges ର ରେଟ୍‌କୁ OGFR (Odisha General Financial Rules, 2023 ଅନୁଯାୟୀ ୩.୮୫% କରିବା ପାଇଁ କର୍ପୋରେସନଙ୍କ ବିଚାର:- ନଥି ନଂ-XXXXX-II-SBAC-34/2022

ନିର୍ଦ୍ଧାରଣ-୭(୨୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୭). ଭୁବନେଶ୍ୱର ମହାନଗର ନିଗମର Municipal Solid Waste Management Bye Law-2018, Chapter-XIII Levy of User Fee, Rule 15 (1) ଅନୁଯାୟୀ "The Corporation shall levy User Fee on the Waste generators for the waste management services rendered as per the rates given in schedule 5 and as amended from time to time ଏବଂ Rule-15 (2) ଅନୁଯାୟୀ "The User Fee so fixed shall be collected from the waste generators by the Corporation or the authorized agency or person as may be authorized by the Commissioner" ଏହା ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମର ସମସ୍ତ ମନ୍ଦିର, ମଣ୍ଡପ ଇତ୍ୟାଦି ଗୁଡ଼ିକ ଯେଉଁଥିରେ Commercial activities ଯଥା:-ଜନ୍ମଦିନ ଉତ୍ସବ, ବାହାଘର ଉତ୍ସବ ଏବଂ ଅନ୍ୟାନ୍ୟ ଉତ୍ସବ ହେଉଛି ସେହିମାନଙ୍କ ଠାରୁ User Fee Collection, ୱାର୍ଡ଼ରେ ନିୟୋଜିତ ହୋଇଥିବା ସ୍ୱଚ୍ଛସାଥି, ସ୍ୱଚ୍ଛ ସୁପରଭାଇଜର ଏବଂ IEC Assistant ଙ୍କ ଦ୍ୱାରା କରାଯିବା ପାଇଁ କର୍ପୋରେସନଙ୍କ ବିଚାର:- ନଥି ନଂ- XXXXX-II-SBAC-188/2024

ନିର୍ଦ୍ଧାରଣ-୭(୨୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୨.୪୧ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୬.୧୧.୨୦୨୫ ରିଖ